ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94

Vol.29 | Issue - 45 | 9 - 15 November 2025 | Sambalpur | Pages- 8 | Invitation Price Rs.10

# ହାଡ଼ିବନ୍ଧୁ ମିର୍ଦ୍ଧା ଓଡ଼ିଆ ସାହିତ୍ୟ ଜଗତରେ ଏକ ସ୍ପର୍ଦ୍ଧିତ ଉଚ୍ଚାରଣ: କୃଷ୍ଣକେଶବ ଷଡ଼ଙ୍ଗୀ












ସମ୍ବଲପୁର : ସ୍ୱାଧୀନ ଚିନ୍ତା, ସମ୍ବେଦନଶୀଳତା ଓ ସମର୍ପଣ ଭାବକୁ ନେଇ ଡକ୍ଟର ହାଡ଼ିବନ୍ଧୁ ମିର୍ଦ୍ଧାଙ୍କ ସାରସ୍ୱତ ସୃଷ୍ଟି ସରସ, ସୁନ୍ଦର ଓ ଲୋକାଭିମୁଖୀ ହୋଇଛି ବୋଲି ସାହିତ୍ୟିକ ତଥା ବିଶିଷ୍ଟ ବାଗ୍ମୀ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ କହିଛନ୍ତି ।

ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ହୋଟେଲ ଶିଳାଟାୱାର ଠାରେ ଆୟୋଜିତ ଡକ୍ଟର ହାଡ଼ିବନ୍ଧୁ ମିର୍ଦ୍ଧା ଗ୍ରନ୍ଥାବଳୀର ସମୀକ୍ଷା ସଭାରେ ଯୋଗଦେଇ ଡାକ୍ତର ଷଡ଼ଙ୍ଗୀ କହିଥିଲେ ଯେ, ଜୀବନର ପ୍ରତ୍ୟେକ ସ୍ତରରେ ବିଭିନ୍ନ ବାଧାବିଘ୍ନକୁ ଅତିକ୍ରମ କରି ନିଜ ବ୍ୟକ୍ତିତ୍ୱର ଔଜ୍ଜଲ୍ୟକୁ ପ୍ରକାଶ କରିବାରେ ଡକ୍ଟର ମିର୍ଦ୍ଧାଥିଲେ ସାଲିସ୍‌ବିହୀନ ସାରସ୍ୱତ ସାଧକ । 'ଅରୁଣାଲୋକ' ଠାରୁ 'ଫଗୁଣର ସଂଳାପ' ପର୍ଯ୍ୟନ୍ତ



ଡକ୍ଟର ମିର୍ଦ୍ଧାଙ୍କର କବିତାଗୁଡିକ ଏକାଧାରରେ ଶବ୍ଦ, ଅର୍ଥ ଓ ଭାବରେ ରସସିକ୍ତ ହୋଇଛନ୍ତି । ନିନାଦିତ ପୂର୍ବସୂରୀ ସ୍ୱଭାବ କବି ଗଙ୍ଗାଧର ମେହେର ଓ ସନ୍ଥକବି ଭୀମଭୋଇଙ୍କ ଜୀବନାଦର୍ଶକୁ ପୁଞ୍ଜିକରି ଡକ୍ଟର ମିର୍ଦ୍ଧା ତାଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ରାଜ ପ୍ରାସାଦ ତୋଳିଛନ୍ତି । ବରପାଲିର ମିର୍ଦ୍ଧାପଲ୍ଲୀରୁ ସମ୍ଭୂତ ତାଙ୍କ ସରଳ ଶୈଶବ କ୍ରମଶଃ ସାରସ୍ୱତ ସରଣୀରେ ଅଗ୍ରସର ଅଭିଜ୍ଞ ସ୍ଥାବିର୍ଯ୍ୟର ପ୍ରଳମ୍ବିତ ବିତାନ ପାଲଟିଛି ବୋଲି ଡାକ୍ତର ଷଡ଼ଙ୍ଗୀ କହିଛନ୍ତି ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଏହି ବର୍ଣ୍ଣାଢ଼୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଡକ୍ଟର ମିର୍ଦ୍ଧାଙ୍କ ସାରସ୍ୱତ ଜୀବନ ଆଜିର ସମାଜ ପାଇଁ ଆଦର୍ଶ ହେବା ସହ ତାଙ୍କ ସୁପୁତ୍ର ଡାକ୍ତର ବିଜୟ ରଞ୍ଜନ ମିର୍ଦ୍ଧାଙ୍କ ଏତାଦୃଶ୍ୟ ପିତୃସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ସମସ୍ତଙ୍କ ନିମନ୍ତେ ଅତ୍ୟନ୍ତ ଶିକ୍ଷଣୀୟ ଓ ଅନୁସରଣୀୟ ବୋଲି କହିଥିଲେ ।

ବର୍ଷୀୟାନ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମଧ ଡକ୍ଟର ମିର୍ଦ୍ଧାଙ୍କ ସାହିତ୍ୟ କୃତି ଓ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧର ଓ ବିଶିଷ୍ଟ କବି ସୌଭାଗ୍ୟବନ୍ତ ମହାରଣା ଡକ୍ଟର ହାଡ଼ିବନ୍ଧୁ ମିର୍ଦ୍ଧାଙ୍କ ରଚନାବଳୀର ଦୀପ୍ତି ଓ ବ୍ୟାପ୍ତି ସମ୍ପର୍କରେ ଆଲୋଚନା କରିଥିଲେ । ସଭା ପ୍ରାରମ୍ଭରେ ଡକ୍ଟର ମିର୍ଦ୍ଧାଙ୍କ ସୁପୁତ୍ର ତଥା ନୂଆଦିଲ୍ଲୀର ଏମ୍‌ସ୍‌ରେ କାର୍ଯ୍ୟରତ ପ୍ରଫେସର ଡାକ୍ତର ବିଜୟ ରଞ୍ଜନ ମିର୍ଦ୍ଧା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜ୍ୟେଷ୍ଠା କନ୍ୟା ଅନୁରାଗିଣୀ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ ।


# କୋଲ୍‌ଇଣ୍ଡିଆ ପ୍ରତିଷ୍ଠା ଦିବସରେ ଏମ୍‌ସିଏଲ୍‌କୁ ମିଳିଲା ୮ ପୁରସ୍କାର



ବୁର୍ଲା : ଏମ୍‌ସିଏଲ୍ ୮ଟି କର୍ପୋରେଟ୍ ଏବଂ ବ୍ୟକ୍ତିଗତ ଉତ୍କର୍ଷତା ପୁରସ୍କାର ପାଇଛି । ଆଇସିସିସିର କର୍ପୋରେଟ୍ ପ୍ରଦର୍ଶନ ଓ କାର୍ଯ୍ୟାନ୍ୱୟନ ଏବଂ ଆଇଟି ପଦକ୍ଷେପର ସମନ୍ୱୟ ସମେତ ଭୂମି ଅଧିଗ୍ରହଣ ଏବଂ ପୁନର୍ବାସ ପାଇଁ କମ୍ପାନୀ ପୁରସ୍କୃତ ହୋଇଥିବା ବେଳେ ସ୍ୱଚ୍ଛତା ପକ୍ଷ ଏବଂ ଷ୍ଟାର ରେଟିଂ ସକାଶେ ମଧ ପୁରସ୍କୃତ ହୋଇଛି । ଏହାବ୍ୟତୀତ ଦୁଇଟି ବ୍ୟକ୍ତିଗତ ଉତ୍କର୍ଷତା ପୁରସ୍କାର ମଧ ଏମ୍‌ସିଏଲ୍‌କୁ ମିଳିଛି । ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ ଏ.କେ. ଧଳ ଶ୍ରେଷ୍ଠ କ୍ଷେତ୍ରୀୟ ଜିଏମ୍ ଭାବେ ଏବଂ ଏମ୍‌ସିଏଲ୍ ମୁଖ୍ୟାଳୟର ମାର୍କେଟିଂ ଓ ବିକ୍ରୟ ମହାପ୍ରବନ୍ଧକ ଏ.କେ. ଲାକ୍ରାଙ୍କୁ ଶ୍ରେଷ୍ଠ ବିଭାଗ ମୁଖ୍ୟ ଭାବେ ପୁରସ୍କୃତ କରାଯାଇଛି । ଏମ୍‌ସିଏଲ୍ ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ କହିଛନ୍ତି, ଏହି ମାନ୍ୟତା ଏମ୍‌ସିଏଲ୍‌ର ସମର୍ପଣ ଏବଂ ଦଳଗତ କାର୍ଯ୍ୟକୁ ପ୍ରତିଫଳିତ କରୁଛି । ଏହି ମୁହୂର୍ତ୍ତକୁ




ପାଳନ କରିବା ସହ ଆଗାମୀ ବର୍ଷରେ ଅଧିକ ବଡ଼ ମାଇଲଖୁଣ୍ଟ ହାସଲ କରାଯିବ ବୋଲି ସେ କହିଛନ୍ତି । କୋଲକାତା ସ୍ଥିତ କୋଲ୍ ଇଣ୍ଡିଆ ମୁଖ୍ୟାଳୟରେ ୫୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏମ୍‌ସିଏଲ୍‌କୁ ଏହି ସବୁ ପୁରସ୍କାର ମିଳିଛି । ସେହିପରି ଏମ୍‌ସିଏଲ୍‌ରେ କୋଲଇଣ୍ଡିଆର ପ୍ରତିଷ୍ଠା ଦିବସ ଦୁଇଦିନ ଧରି ପାଳିତ ହୋଇଥିଲା । ଏଥିରେ କମ୍ପାନୀର ଅବସରପ୍ରାପ୍ତ ନିର୍ଦ୍ଦେଶକବୃନ୍ଦ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ସାଙ୍ଗକୁ ବଲିଉଡ୍ ଗାୟକ ସୁଖବିନ୍ଦର ସିଂ ଏବଂ ତାଙ୍କ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।



# ହାର୍ଟ ହସ୍ପିଟାଲ କାର୍ଯ୍ୟକ୍ଷମ ପାଇଁ ବୈଠକ

ଝାରସୁଗୁଡ଼ା : ଆସନ୍ତା ୧୫ ତାରିଖ ସୁଦ୍ଧା ଡାକ୍ତରଖାନା କୋଠା ଏବଂ ନବ ନିର୍ମିତ ଷ୍ଟାଫ୍ କ୍ୱାର୍ଟର ଡାକ୍ତରଖାନା ପରିଚାଳନା ଦାୟିତ୍ୱ ନେଇଥିବା ଘରୋଇ ସଂସ୍ଥା ବିଏମ୍ଆର୍‌ସିକୁ ହସ୍ତାନ୍ତର କରାଯିବାକୁ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ବିଏମ୍ଆର୍‌ସି ପକ୍ଷରୁ ଆସନ୍ତା ଡିସେମ୍ବର ମାସରୁ ହାର୍ଟ ହସ୍ପିଟାଲକୁ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରହିଛି । ହାର୍ଟ ହସ୍ପିଟାଲ ପରିଚାଳନା ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ବିଏମ୍ଆର୍‌ସି ସହ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଆଲୋଚନା ସରିଛି । ଯାହାସବୁ ସମସ୍ୟା ରହିଛି ସେସବୁ କିଭଳି ଦୂର ହେବ ସେନେଇ ବିସ୍ତୃତ ଆଲୋଚନା ପରେ ସମାଧାନର ପନ୍ଥା ବାହାର କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଡାକ୍ତରଖାନା ଚାଲୁ ରଖିବା ଲାଗି କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ ଅନୁଯାୟୀ ବିଏମ୍ଆର୍‌ସିର ଆବେଦନ ଭିତ୍ତିରେ ଇନଡୋର୍‌ରେ ୧୦ଟି ଶଯ୍ୟା ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଛି । ସିଡିଏମ୍ଓଙ୍କ କ୍ଷମତା ଭିତ୍ତିରେ ଏହି ଶଯ୍ୟା ସଂଖ୍ୟା ୨୯ ପର୍ଯ୍ୟନ୍ତ ବୃଦ୍ଧି ହେବ । ଏଥିସହ ଡାକ୍ତରଖାନା ଓ ଷ୍ଟାଫ କ୍ୱାର୍ଟର ଥିବା ସ୍ଥାନରେ ବାଉଣ୍ଡାରୀ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି । ଆପ୍ରୋଚ ରୋଡ୍ ନିର୍ମାଣ ପରେ ତାହା ବିଏମଆର୍‌ସିକୁ ପୂର୍ତ୍ତ ବିଭାଗ ହସ୍ତାନ୍ତର କରିବ । ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ଓଏସଏମସିଏଲ୍ ଜରିଆରେ ଯୋଗାଇ ଦିଆ ଯାଇଥିବା ବିଭିନ୍ନ ଯନ୍ତ୍ରପାତି (ଇକ୍ୱିପମେଣ୍ଟ) ଇନଷ୍ଟଲ ପର୍ଯ୍ୟାୟକ୍ରମେ କରାଯାଇ ବିଏମଆର୍‌ସି ପକ୍ଷରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ସାର୍ଟିଫିକେଟ ପ୍ରଦାନ କରାଯିବ । ଜିଲ୍ଲାପାଳ କାର୍ଡିଆକ କେୟାର ହସ୍ପିଟାଲ ଏବଂ ନବ ନିର୍ମିତ ଷ୍ଟାଫ କ୍ୱାର୍ଟର ବୁଲି ଦେଖିବା ପରେ ଆଉ କଣ ସବୁ କରାଯିବ ସେ ଦିଗରେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଅନ୍ୟ ଡାକ୍ତର ଏବଂ ବିଏମଆର୍‌ସିର ସିଇଓ ଡାକ୍ତର ପାର୍ଥ ସାରଥୀ ମୋଦକ ଏବଂ ପୂର୍ତ୍ତ ବିଭାଗର ସୁପରିନଟେଣ୍ଡିଂ ଇଞ୍ଜିନିୟର ଯୋଗ ଦେଇଥିଲେ ।

ପ୍ରକାଶଯୋଗ୍ୟ ଶହେ ଶଯ୍ୟା ବିଶିଷ୍ଟ କାର୍ଡିଆକ କେୟାର ହସ୍ପିଟାଲ ପ୍ରତିଷ୍ଠା ଲାଗି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨୦୧୨-୧୩ ମସିହାରେ ଶିଳାନ୍ୟାସ କରିଥିଲେ । ଏମସିଏଲ୍‌ର ଆର୍ଥିକ ସହାୟତାରେ ନିର୍ମାଣ ହୋଇଥିବା ଏହି ପ୍ରସ୍ତାବିତ ହାର୍ଟ ହସ୍ପିଟାଲ ପାଇଁ ଆବଶ୍ୟକ ଭିତ୍ତିଭୂମିର ବିକାଶ ଲାଗି ୫ ଏକର ୦୫ ଡେସିମିଲ ଜମି ରାଜ୍ୟ ସରକାର ଯୋଗାଇଛନ୍ତି । ପିପିପି ମୋଡ୍‌ରେ ଏହାର ନିର୍ମାଣ ତଥା ପରିଚାଳନା ଲାଗି ସରକାରୀ ନୀତିଗତ ନିଷ୍ପତ୍ତି ଗ୍ରହଣ କରି ପଦକ୍ଷେପ ନେଇଥିଲେ । ସେହି ଅନୁଯାୟୀ କେୟାର ହସ୍ପିଟାଲ ଏହାର ପରିଚାଳନା ଲାଗି ଅପରେଟିଂ ପାର୍ଟନର ଭାବେ ଯୋଗ୍ୟତା ଅର୍ଜନ କରିବା ସହ କନସେସନ ଏଗ୍ରିମେଣ୍ଟ ସ୍ୱାକ୍ଷର କରିଥିଲା । ୧୫ ବର୍ଷ ଧରି ପରିଚାଳନା ପରେ ଅତିରିକ୍ତ ୧୫ ବର୍ଷ ଲାଗି ଚୁକ୍ତି ନବୀକରଣ କରାଇବାର ଇଚ୍ଛା ଜାହିର କରିଥିଲେ କେୟାର ହସ୍ପିଟାଲ କର୍ତ୍ତୃପକ୍ଷ । ମାତ୍ର ଏହି ଚୁକ୍ତିରୁ ଓହରି ଯିବା ପରେ ଏବେ ବିଏମ୍ଆର୍‌ସି କୋଲକାତାକୁ ଏହାର ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଗତ ୨୦୨୪ ଫେବୃଆରୀ ୨୬ ତାରିଖ ଦିନ ଡାକ୍ତରଖାନାକୁ ତରବରିଆ ଭାବେ ଭର୍ଚୁଆଲ ମୋଡ୍‌ରେ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଆଗକୁ ଏହି ଡାକ୍ତରଖାନା ସଂପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ କେବେ ହେବ ତାହାକୁ ଅପେକ୍ଷା ରହିଛି ।

## ଝାରସୁଗୁଡ଼ାରେ ମହା ସତସଙ୍ଗ କାର୍ଯ୍ୟକ୍ରମରେ ରବିଶଙ୍କର



ଝାରସୁଗୁଡ଼ା : ଆର୍ଟ ଅଫ୍ ଲିଭିଙ୍ଗର ପ୍ରତିଷ୍ଠାତା ଆଧ୍ୟାତ୍ମିକ ଗୁରୁଶ୍ରୀ ଶ୍ରୀ ରବି ଶଙ୍କର ଝାରସୁଗୁଡ଼ା ଗସ୍ତରେ ଆସି ମନମୋହନ ଏମ୍.ଇ ସ୍କୁଲ ପଡ଼ିଆରେ ଆୟୋଜିତ ମହା ସତ୍‌ସଙ୍ଗରେ ଯୋଗ ଦେଇଥିଲେ । ସ୍ୱତନ୍ତ୍ର ବିମାନ ଯୋଗେ ମୁମ୍ବାଇରୁ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରକୁ ଅପରାହ୍ନରେ ପହଞ୍ଚିବା ପରେ ତାଙ୍କୁ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଥିଲା । ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଆର୍ଟ ଅଫ ଲିଭିଂ ସଂସ୍ଥାର କର୍ମକର୍ତ୍ତା ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ବହୁ ସଂଖ୍ୟାରେ ବିମାନବନ୍ଦରରେ ପହଞ୍ଚି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

## ଲଖନପୁର ବ୍ଲକ ସ୍ତରୀୟ ସାଇବର ସୁରକ୍ଷା ପ୍ରତିଯୋଗିତା



ଝାରସୁଗୁଡ଼ା : ଲଖନପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବ୍ଲକ ସ୍ତରୀୟ ସାଇବର ସୁରକ୍ଷା ବିଷୟରେ କୁଇଜ୍, ଡିବେଟ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଛି । ଲଖନପୁର ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ପ୍ରାନ୍ତରରେ ଥିବା ବିଦ୍ୟାଳୟରୁ ୫୦ ଜଣ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ କୁଇଜ୍‌ରେ ବନଜାରୀ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଓମ୍ ଧୁରୁଆ ପ୍ରଥମ, ଡିବେଟରେ ଭଅଁରଖୋଲ ବିପିଏମ ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ଅର୍ପିତା ପାତ୍ର ପ୍ରଥମ ଓ ସୁନାରୀ ଯୁଜିଏଚଏସର ଦଶମ ଶ୍ରେଣୀ ଛାତ୍ରୀ ପାୟଲ ସାହୁ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି । ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ଚୌଧୁରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିକେଶ୍ୱର ଜଗତ, ସ୍ଥାନୀୟ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ସଙ୍ଗୀତା ସାହୁ, ଲଖନପୁର ସିଆରସିସି ଘନଶ୍ୟାମ ଗଡ଼ତିଆ ପ୍ରମୁଖ ଉପସ୍ଥିତ ଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।

## ମାଣବସା ଗୁରୁବାର ଝୋଟି-ଚିତା

ମାର୍ଗଶୀର ମାସର ଆଗମନ ପ୍ରତ୍ୟେକ ଓଡ଼ିଆଙ୍କ ଶରୀର ଓ ମନରେ ଆଣିଦିଏ ପବିତ୍ରତା, ଭକ୍ତି ଓ ନୂତନ ପୁଲକ । ସମୁଦ୍ର ମନ୍ଥନ କାଳରେ ରତ୍ନଗର୍ଭା ରତ୍ନାକରରୁ ବାହାରିଥିବା ବିଭିନ୍ନ ବସ୍ତୁ ମଧ୍ୟରୁ ଚଉଦଟି ମୂଲ୍ୟବାନ ବସ୍ତୁକୁ ଚତୁର୍ଦ୍ଦଶ ରତ୍ନ କୁହାଯାଏ । ସେଥି ମଧ୍ୟରୁ ମହାଲକ୍ଷ୍ମୀ ଅନ୍ୟତମା । ଗୁରୁବାର ଲକ୍ଷ୍ମୀଦେବୀଙ୍କ ଜନ୍ମତିଥି । ମାର୍ଗଶୀର ମାସ ଗୁରୁବାର ମା' ଲକ୍ଷ୍ମୀଙ୍କ ପୂଜା ମାର୍ଗଶୀର ପବିତ୍ରତା, ପରିଚ୍ଛନ୍ନତା ଓ ଶସ୍ୟ ଅମଳର ମାସ । ଧନ ଧାନ୍ୟର ଅଧିଷ୍ଠାତ୍ରୀ ଦେବୀ ମହାଲକ୍ଷ୍ମୀଙ୍କର ଆରାଧନା ପାଇଁ ମାର୍ଗଶିରର ପ୍ରତ୍ୟେକ ଗୁରୁବାରକୁ ମାଣବସା ଗୁରୁବାର ଭାବରେ ନାମିତ କରାଯାଇଛି । ମହାଲକ୍ଷ୍ମୀ ଆମ ହିନ୍ଦୁ ଘରର ଧନଦାତ୍ରୀ ଦେବୀ ରୂପେ ଅଧିଷ୍ଠିତା । ଗୁରୁବାର ହିନ୍ଦୁ ନାରୀମାନଙ୍କ ପାଇଁ ବେଶ୍ ପବିତ୍ର ଦିନ । ମାଣବସା ଗୁରୁବାର କଥା ଉଠିଲେ ଆମ ଆଖି ଆଗରେ ଭାସିଆସେ ଗୋବରରେ ଲିପାପୋଛା ହୋଇ ଚିତା ଝୋଟିରେ ସଜ୍ଜିତ ହୋଇଥିବା ଘର, କାନକୁ ଶୁଣାଯାଏ ଲକ୍ଷ୍ମୀପୁରାଣର ନୀତିକଥା, ମାନସପଟ୍ଟରେ ନାଚିଉଠେ ଶ୍ରୀୟା ଚଣ୍ଡାଳୁଣୀର ଅନାବିଳ ଭକ୍ତି । ମହାଲକ୍ଷ୍ମୀଙ୍କୁ ଆରାଧନା କଲେ ତାହାର ଗୃହ ଧନଧାନ୍ୟ ଓ ଶାନ୍ତିରେ ପରିପୂର୍ଣ୍ଣ ହୋଇଯାଏ ବୋଲି ବିଶ୍ୱାସ କରାଯାଏ ।

ଗୁରୁବାର ଓଷା ଅବସରରେ ମା' ଲକ୍ଷ୍ମୀଙ୍କୁ ଭକ୍ତିର ସହିତ ନିମନ୍ତ୍ରଣ କରିବା ପାଇଁ ଓଡ଼ିଆଣୀମାନେ ଘରର ସ୍ୱଚ୍ଛତା, ପବିତ୍ରତା ଉପରେ ବିଶେଷ ଦୃଷ୍ଟି ଦେଇଥାନ୍ତି । ମାର୍ଗଶୀର ମାସର ପ୍ରତି ଗୁରୁବାର ପୂର୍ବରୁ ଅର୍ଥାତ୍ ବୁଧବାର ରାତ୍ରୀରେ ସ୍ତ୍ରୀଲୋକମାନେ ମାଟିଚଟାଣ ଥିବା ଘର, କାନ୍ଥବାଡକୁ ମାଟି ଗୋବରରେ ଲିପାପୋଛା କରିବା ସହ ପକ୍କା ଚଟାଣକୁ ଧୁଆପୋଛା କରନ୍ତି । ଗୋବର ଲିପା ଚଟାଣ ଉପରେ ବନମାଟି ଲିପନ୍ତି । ନୂଆ ଅରୁଆ ଚାଉଳର ବଟା ପିଠଉରେ ଶୀତକାକରକୁ ବେଖାତିର କରି ରାତ୍ରି ଉଜାଗର ରହି ସେମାନେ ଡାଣ୍ଡ, ଦୁଆର, ଖଳା ଓ ଅମାର ଘରେ ବିଭିନ୍ନ ପ୍ରକାରର ଚିତା ପକାଇଥାନ୍ତି । ମାର୍ଗଶୀର ମାଣବସା ଗୁରୁବାର ଝୋଟି ଚିତାର ସ୍ୱତନ୍ତ୍ର ପରିଚୟ ରହିଛି । ଏହି ଝୋଟି ଚିତାକୁ ନେଇ ଏକ ପୌରାଣିକ କାହାଣୀ ପ୍ରସିଦ୍ଧି ଲାଭ କରିଛି । ମହାଲକ୍ଷ୍ମୀ ବୁଢ଼ୀ ବ୍ରାହ୍ମଣୀ ବେଶ ଧରି ଦିନେ ଶ୍ରୀମନ୍ଦିର ଛାଡି ନଗର ଭ୍ରମଣରେ ଯାଇଥିଲେ । ଶୀତର ଆଳସ୍ୟ ହେତୁ ସେଦିନ କେହି ଶଯ୍ୟା ତ୍ୟାଗ କରି ନଥିବା ବେଳେ ଶ୍ରୀୟା ନାମରେ ଏକ ଚଣ୍ଡାଳୁଣୀ ନିଜ ଗୃହକୁ ସୁନ୍ଦର ଭାବରେ ଶୁଚିମନ୍ତ କରି ପବିତ୍ର ମନରେ ଆକର୍ଷଣୀୟ ୧୬ ପାଖୁଡ଼ା ପଦ୍ମ ଚିତାରେ ସଜାଇ ପାଦର ଚିହ୍ନ । ମହାଲକ୍ଷ୍ମୀଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ରକାର ଲକ୍ଷ୍ମୀ ପାଦ ଓ ପଦ୍ମଫୁଲ ଏହି ସମୟରେ ଓଡ଼ିଆ ଝିଅବୋହୂମାନେ ଅଙ୍କନ କରିଥାନ୍ତି । ଲକ୍ଷ୍ମୀ ଆସିବେ ଘରକୁ । ଝୋଟିର ଶୃଙ୍ଗାରେ ଲକ୍ଷ୍ମୀ ପାଦ ଅଟକି ଯିବ । ଚାଉଳବଟା ଅଗଣା ମଝିରେ ଅଙ୍କନ କରାଯାଇଥାଏ । ମଣ୍ଡଳ ପଦ୍ମ କବାଟମାନଙ୍କରେ ଚିତ୍ରିତ କରାଯାଇଥାଏ । ଏହାର ତଳେ ଲକ୍ଷ୍ମୀପାଦ, ଉପରେ ଚକ୍ର ଓ ଦୁଇ ପାର୍ଶ୍ୱରେ ଶଙ୍ଖ, ଆଳଟ, ଚାମର ଥାଏ । କୁଣ୍ଡଳ ପଦ୍ମର ଉଭୟ ପଟେ





ମହାଲକ୍ଷ୍ମୀଙ୍କ ପୂଜାପାଇଁ ପ୍ରସ୍ତୁତ ହେଉଥାଏ । ମହାଲକ୍ଷ୍ମୀ ପଦ୍ମ ଫୁଲକୁ ଭାରି ଭଲ ପାଆନ୍ତି । କେଉଁ ଅନାଦି କାଳରୁ ପଦ୍ମକୁ ପବିତ୍ର ଫୁଲ ତଥା ସୌନ୍ଦର୍ଯ୍ୟର ପ୍ରତୀକ ଭାବେ ଗ୍ରହଣ କରାଯାଇ ଆସୁଛି । ଶ୍ରୀୟାର ନିଷ୍ଠା ଓ ପବିତ୍ରତାରେ ମୁଗ୍ଧ ହୋଇ ମହାଲକ୍ଷ୍ମୀ ତା ଗୃହରେ ପ୍ରବେଶ କରି କରୁଣା ଅଜାଡ଼ି ଦେଲେ । ସେହି ପୌରାଣିକ କଥାବସ୍ତୁକୁ ବିଶ୍ୱାସକୁ ନେଇ ଓଡ଼ିଆଣୀମାନେ ମାର୍ଗଶୀର ଗୁରୁବାରରେ ଶ୍ରୀୟା ଚଣ୍ଡାଳୁଣୀର ଗୃହ ଭଳି ଝୋଟି ଚିତାରେ ନିଜ ଗୃହକୁ ମଣ୍ଡନ କରନ୍ତି । ଏହି ଚିତା ଲକ୍ଷ୍ମୀଙ୍କ ପିଠଉ ଗୋଳି ଡାହାଣ ହାତର ବୁଢ଼ା ଆଙ୍ଗୁଳି ଓ ପରି ଆଙ୍ଗୁଳି ସାହାଯ୍ୟରେ ଲକ୍ଷ୍ମୀପାଦ, ଚାରିପାଖୁଡିଆ ପଦ୍ମଫୁଲ ଠାରୁ ଆରମ୍ଭ କରି ଆଠ ପାଖୁଡିଆ, ଚଉଷଠି ପାଖୁଡିଆ ପଦ୍ମଫୁଲ, ଲତାପଦ୍ମ, ପଦ୍ମକଢ଼ି ଓ ମଣ୍ଡଳ ପଦ୍ମ, ପକାନ୍ତି । ଲତାପଦ୍ମ ସାଧାରଣତଃ ଚାଉଳ ଡୋଲି ବା ଧାନ ଘରମାନଙ୍କରେ ଚିତ୍ରିତ ହୋଇଥାଏ । ଏହାର ଚତୁଃପାର୍ଶ୍ୱରେ ଲକ୍ଷ୍ମୀପାଦ, ଶଙ୍ଖ ଓ ପଦ୍ମ ଚିତ୍ରର ଅଙ୍କନ ହୋଇଥାଏ । ଏହା ଅତ୍ୟନ୍ତ ଶୁଭସୂଚକ । ପଦ୍ମ କଢ଼ି ଘରର ଚକ୍ର, ତଳେ ଲକ୍ଷ୍ମୀପାଦ ଏବଂ ଦୁଇ ପାର୍ଶ୍ୱରେ ଶଙ୍ଖ ଓ ଆଳଟ ଚାମର ଚିତା କରାଯାଏ । ମାଣବସା ଅବସରରେ ଧାନଶିସାର ଚିତ୍ର ମାର୍ଗଶୀର ମାସ ପାଇଁ ଅନୁକୂଳ ହେଉଥିବାରୁ ଧାନ ଶିସା, ଜାତି ଜାତିକା ଧାନ କୋଠି, ଧାନ ବେଣ୍ଟି ଘରେ ଓ ଅଗଣାରେ ଗୃହିଣୀମାନେ ଅଙ୍କନ କରନ୍ତି । ଏସବୁ ବ୍ୟତୀତ ଅରୁଆ ଚାଉଳ ବଟା ପିଠଉ, ହଳଦୀ ଓ ଡ଼ାଉରେ ଅଙ୍କିତ ବିଭିନ୍ନ ପ୍ରକାର ଫୁଲଫଳ, ପଶୁପକ୍ଷୀ, ମାଛ, ହାତୀ, ଶଙ୍ଖ, ଓଲଟ ଶ୍ରଆ, ଯୋଡା ହଂସ, ଯୋଡାମାଛ, ପୂର୍ଣ୍ଣକୁମ୍ଭ, ମୟୂର ଆଦି ଆଙ୍କି ଘର ଓ ଅଗଣାକୁ ସୁନ୍ଦର କରିଥାନ୍ତି । କାନ୍ଥରେ ହାତ ଛଟା ଝୋଟି ଓ ତା' ଉପରେ ତିନୋଟି ଟିପରେ ଥାପି ଥାପିକା କଉଡି ଦେଖିଲେ ଆଖି ଲାଖି ରହେ । ପୂର୍ବ ରାତ୍ରିରୁ ଅଙ୍କନ କରାଯାଇଥିବା ଲକ୍ଷ୍ମୀପାଦ ଓ ଝୋଟିଚିତା ଉପରେ ଗୋବର, ଫୁଲ, ଦୀପ, ଧୂପ ଦେଇ ଗୁରୁବାର ଦିନ ମା' ଲକ୍ଷ୍ମୀଙ୍କୁ ଆବାହନ କରାଯାଏ ।

ଗୁରୁବାର ଝୋଟି ଚିତାର ଆବଶ୍ୟକ ସାମଗ୍ରୀ ହେଉଛି ଅରୁଆ ଚାଉଳରୁ ପ୍ରସ୍ତୁତ ପିଠଉ ଓ ଖଣ୍ଡିଏ ଧଳାକପଡ଼ା । ହାତର ପାଞ୍ଚ ଆଙ୍ଗୁଠି ସାହାଯ୍ୟରେ ଗୃହିଣୀମାନେ ନିଜର ଉତ୍କର୍ଷ ପ୍ରଦର୍ଶନ କରିଥାନ୍ତି । ଝୋଟି ଚିତା ଉତ୍କଳୀୟ କୁଳବଧୂମାନଙ୍କର କଳାତ୍ମକ ବିଶେଷତ୍ୱ । ଏହା ଉତ୍କଳୀୟ ସଂସ୍କୃତିର ସ୍ୱତନ୍ତ୍ରତା ବହନ କରିଥାଏ । ଏଥିପାଇଁ କଳା ବିଦ୍ୟାଳୟରେ ଅଧ୍ୟୟନ ବା ଗୁରୁଙ୍କ ଠାରୁ ଶିକ୍ଷାର ଆବଶ୍ୟକତା ନ ଥାଏ । ଅତ୍ୟାଧୁନିକ ଯୁଗର ମହିଳାମାନେ ଯେ ତାଙ୍କର ଧର୍ମ, ସଂସ୍କୃତି, ପରମ୍ପରାରୁ ବିଚ୍ୟୁତ ହୋଇ ନାହାନ୍ତି ଏହା ଝୋଟି ଚିତାରୁ ଅନୁଭବ କରିହୁଏ ।

# ମହାଭାରତ ଆଦି ପର୍ବ : ଦେବବ୍ରତରୁ ଭୀଷ୍ମଦେବ



ଡକ୍ଟର ପ୍ରମୋଦ କୁମାର ପଣ୍ଡା

ରଜା ଶାନ୍ତନୁ ପୁତ୍ର ଦେବବ୍ରତଙ୍କୁ ଘେନି ହସ୍ତିନାପୁର ଫେରିଲେ । ସାରା ରାଜ୍ୟ ଖୁସିରେ ନାଚି ଉଠିଲା । ପ୍ରଜାକୁଳ ଆନନ୍ଦିତ ହେଲେ । ଆଶ୍ୱସ୍ତ ଅନୁଭବ କଲେ । କୁରୁବଂଶ ଲୋପ ପାଇବାର ଭୟ ସମସ୍ତଙ୍କ ମନରୁ ଦୂରେଇଗଲା । କୁଶଳୀ ସଦାଚାରୀ ଦେବବ୍ରତ ରାଜାକାର୍ଯ୍ୟ ନିଷ୍ଠା ସହ ସମ୍ପାଦନା କରିବାକୁ ଲାଗିଲେ । ପିତା ଶାନ୍ତନୁଙ୍କୁ ସହାୟତା କଲେ । ବୁଦ୍ଧି ଓ ବିବେକ ବଳରେ ରାଜ୍ୟର ମଙ୍ଗଳ ସକାଶେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଲେ । ପ୍ରଜାଙ୍କ ଦୁଃଖ ବୁଝିଲେ । ସମସ୍ୟା ସମାଧାନ କଲେ । ପୁତ୍ରର ସାମର୍ଥ୍ୟରେ ଶାନ୍ତନୁ ଅତ୍ୟନ୍ତ ଖୁସି ଥିଲେ । ଦେବବ୍ରତଙ୍କୁ ରାଜ୍ୟର ଯୁବରାଜ ଘୋଷିତ କଲେ । ହର୍ଷୋଲ୍ଲାସରେ ହସ୍ତିନାପୁର ହସି ଉଠିଲା ।

ଆସ୍ତେ ଆସ୍ତେ ଦେବବ୍ରତ ଅଧିକରୁ ଅଧିକ ରାଜ କାର୍ଯ୍ୟରେ ନିୟୋଜିତ ହେଲେ । ଶାନ୍ତନୁଙ୍କ ମୁଣ୍ଡରୁ ଚିନ୍ତା ଗଲା । ଫୁରସତ ମିଳିଲା । ଖାଲି ସମୟରେ ଅବସର ବିନୋଦନ ପାଇଁ ସେ ରାଜମହଲ ବାହାରକୁ ଚାଲି ଯାଆନ୍ତି । କେତେବେଳେ ଶିକାର ଖେଳିବାକୁ ସୈନ୍ୟ ସାମନ୍ତ ରାଜ ପାରିଷଦ ସହିତ ତ କେତେବେଳେ ପ୍ରକୃତି କୋଳରେ ନିଜକୁ ହଜାଇ ଦେବାକୁ ଏକାକୀ । କେତେବେଳେ ପାରିଧି ପାଇଁ ତ ଅନ୍ୟ କେତେବେଳେ ଗଙ୍ଗାକୂଳରେ ଅତୀତ ରୋମନ୍ଥନ ସକାଶେ । ଦିନକର ଘଟଣା । ରଜା ଶାନ୍ତନୁ ଭ୍ରମଣ କରୁକରୁ ପହଞ୍ଚିଲେ ଯମୁନା ନଦୀ ତଟରେ । ତାଙ୍କୁ ହଠାତ ଅନୁଭୂତ ହେଲା ଏକ ସମ୍ମୋହନକାରୀ ସୁଗନ୍ଧ । ଅନୁପମ ବାସ୍ନାରେ ଆହ୍ଲାଦିତ ହୋଇ ଉଠିଲେ ରାଜନ । ତାଙ୍କର ତନ, ମନ ପ୍ରାଣ ମୋହିତ ହୋଇ ଉଠୁଥିଲା । ନିଜ ଅଜାଣତରେ ତାଙ୍କ ପାଦ ବଢ଼ିସାରିଥିଲା ସୁଗନ୍ଧ ଅନ୍ୱେଷଣରେ । ଏଣେତେଣେ ଖୋଜିବା ପରେ ନିକଟସ୍ଥ ନିଶାଦ ବସ୍ତିରୁ ବାସ୍ନା ଆସୁଥିବା ସେ ଠଉରେଇ ପାରିଲେ । ପାଖକୁ ପହଞ୍ଚି ତାଙ୍କ ଚକ୍ଷୁ ଅଟକିଗଲା ଏକ ରୂପବତୀ କନ୍ୟା ଉପରେ ଯାର ଶରୀରର ଅଦ୍ଭୁତ ମହକ - ଜୁଆର ଉଠୁଥିଲା ପଡୁଥିଲା ତାଙ୍କ ମନ - ମହୋଦଧିରେ । ତାରି ରୂପ ଲାବଣ୍ୟରେ ରଜା ଶାନ୍ତନୁ ଏତେ ମୁଗ୍ଧ ଥିଲେ ଯେ ତାକୁ ହୃଦୟ ଦେଇ ବସିଲେ । ବିବାହ ପ୍ରସ୍ତାବ ରଖିଲେ । ରାଣୀର ମର୍ଯ୍ୟାଦା ପ୍ରଦାନ କରିବାକୁ କଥା ଦେଲେ । କନ୍ୟାପିତା ନିଶାଦ ରାଜାଙ୍କୁ କହିଲେ ଯଦି ମୋ କନ୍ୟା ଗର୍ଭରୁ ଜାତ ପୁତ୍ର ହସ୍ତିନାପୁର ରାଜ ସିଂହାସନର ଉତ୍ତରାଧିକାରୀ ହେବ ତେବେ ସେ ତାଙ୍କ ବିବାହ ପ୍ରସ୍ତାବରେ ସମ୍ମତ । ରାଜା ଶାନ୍ତନୁଙ୍କୁ ତାଙ୍କ ପୁତ୍ର ଦେବବ୍ରତ କଥା ସ୍ମରଣ ହେଲା । ଚେତା ପଶିଲା । ନିଶାଦର ସର୍ତ୍ତମୂଳକ ସମ୍ମତି ପ୍ରତ୍ୟାଖ୍ୟାତ ହେଲା । ରାଜା ମନକଷ୍ଟରେ ଫେରିଲେ ।

ଏକଦା ଜନୈକ ଧିବର ଜାଲରେ ପଡ଼ିଥିବା ମାଛ ଗର୍ଭରୁ ଏକ କନ୍ୟା ସନ୍ତାନର ଜନ୍ମ ହେଲା । ଅତି ଶ୍ରଦ୍ଧାର ସହିତ ଧିବର ତାର ଲାଳନ ପାଳନ କଲେ । ନିଜ ଜନ୍ମିତା କନ୍ୟା ଭଳି ପ୍ରତିପୋଷଣ କଲେ । କନ୍ୟାଟି ବଡ ହେଲା । ମାଛ ଗର୍ଭରୁ ଜନ୍ମିଥିବାରୁ ତା ଦେହରୁ ଦୁର୍ଗନ୍ଧ ବାହାରୁଥାଏ । ତେଣୁ ତା ନାମ ପଡିଲା ମତ୍ସ୍ୟଗନ୍ଧା । ଶାରୀରିକ ଦୁର୍ଗନ୍ଧ ହେତୁ ତାସହିତ କେହି ମିଶିବାକୁ ପସନ୍ଦ କରୁ ନ ଥିଲେ । ସେ ଏକାକୀ ପଡିଯାଇଥିଲା । ଯମୁନା ନଦୀରେ ଲୋକଙ୍କୁ ଡଙ୍ଗାରେ ପାରି କରିବା ଥିଲା ତାର ବେଉସା । ଦିନକର ଘଟଣା । ସୂର୍ଯ୍ୟାସ୍ତ ସମୟ । ସନ୍ଧ୍ୟା ଆଗତ ପ୍ରାୟ । ଯମୁନା ତଟରେ ଡ଼ଙ୍ଗା ବାନ୍ଧି ଘରକୁ ଫେରିବାକୁ ଉଦ୍ୟତ ହେଉଥିବା ବେଳେ ଜଣେ ସନ୍ୟାସୀ ପହଞ୍ଚିଲେ । ତାଙ୍କୁ ଯମୁନା ଆରପାରିକୁ ଯିବାର ଥାଏ । ନଦୀ ପାରି ପାଇଁ ସେ ମତ୍ସ୍ୟଗାନ୍ଧାକୁ ଅନୁରୋଧ କଲେ । ମତ୍ସ୍ୟଗନ୍ଧା ରାଜି ହେଲା । ଯମୁନା ପାରି ବେଳେ ହଠାତ ନଈ ମଝିରେ ଘନାଘୋର ପବନ ସହ ବର୍ଷା ଆରମ୍ଭ ହେଲା । ଯେକୌଣସି ମତେ ମତ୍ସ୍ୟଗନ୍ଧା ନିକଟସ୍ଥ ଏକ ଟାପୁରେ ଋଷିଙ୍କ ସହ ପହଞ୍ଚିଲା । ଅନ୍ଧାର ହୋଇ ସାରିଥାଏ । ଆଖିକୁ କିଛି ଦେଖାଯାଉ ନ ଥାଏ । ଉଭୟେ ବର୍ଷାଜଳରେ ପୂରା ଭିଜି ସାରିଥିଲେ । ହଠାତ ଋଷିଙ୍କ ମନରେ କାମ ବାସନା ଜାଗ୍ରତ ହେଲା । ଋଷି ସହବାସ ପାଇଁ ମତ୍ସ୍ୟଗାନ୍ଧାକୁ ନିବେଦନ କଲେ । ମତ୍ସ୍ୟଗନ୍ଧା ବିନମ୍ର ପ୍ରଣିପାତ ହୋଇ କହିଲା, ଋଷିବର ମୋ ଶରୀରରୁ ଦୁର୍ଗନ୍ଧ ବାହାରୁଛି । ଏମିତିରେ ଆପଣ ମୋ ସହିତ କିମିତି ସମାଗମ କରିପାରିବେ ? ଋଷିବର କହିଲେ ତପ ବଳରେ ମୁଁ ତୋର ଦୁର୍ଗନ୍ଧ ସବୁଦିନ ପାଇଁ ସମାପ୍ତ କରିଦିବି । ତତେ ଗନ୍ଧଯୁକ୍ତ କରିପାରିବି । ଏହା ଶୁଣି ମତ୍ସ୍ୟଗନ୍ଧା ସମାଗମ ପାଇଁ ରାଜି ହେଲା । ଋଷିବର କମଣ୍ଡଳୁ ପାଣି ଅଭିମନ୍ତ୍ରିତ କରି ମତ୍ସ୍ୟଗନ୍ଧା ଦେହରେ ଛିଞ୍ଚିଲେ । ତା ଶରୀରର ଦୁର୍ଗନ୍ଧ ତ୍ୱରିତ ଅପସାରିତ ହେଲା । ସେ ମହମହ ବାସିଲା । ମତ୍ସ୍ୟଗନ୍ଧା ସହ ଋଷିଙ୍କ ସମାଗମ ହେଲା । ଏକ ପୁତ୍ର ସନ୍ତାନ ଜନ୍ମନେଲା । ଜନ୍ମହେବାକ୍ଷଣି ସେ ବାର ବର୍ଷର ବାଳକରେ ପରିବର୍ତ୍ତିତ ହେଲା । କୃଷ୍ଣକାୟ କିନ୍ତୁ ବେଦଜ୍ଞ । ଦ୍ୱୀପରେ ଜନ୍ମ ହୋଇଥିବା ହେତୁ ନାମ ପଡିଲା ଦ୍ୱୈପାୟନ । ଚତୁର୍ବେଦ ଜ୍ଞାତା ହେତୁ ବେଦବ୍ୟାସ । ମାତାପିତାଙ୍କୁ ପ୍ରଣିପାତ ପୂର୍ବକ ଆଜ୍ଞା ଘେନି ତପସ୍ୟା ପାଇଁ ଅଗ୍ରସର ହେଲା । ଋଷିବର ତପ ବଳରେ ମତ୍ସ୍ୟଗନ୍ଧାକୁ ତାର କୁମାରୀତ୍ୱ ପ୍ରଦାନ କଲେ । ସେହି ମହାନ ଋଷି ଥିଲେ ମହର୍ଷି ପରାଶର । ବିଦ୍ୱାନ, ଜ୍ଞାନୀ, ବେଦଜ୍ଞ, ପ୍ରସିଦ୍ଧ ଜ୍ୟୋତିଷାଚାର୍ଯ୍ୟ, ଭବିଷ୍ୟତଜ୍ଞାତା । ମତ୍ସ୍ୟଗନ୍ଧା ସହ ତାଙ୍କ ସମାଗମ ସାଧାରଣ ନ ଥିଲା । ଥିଲା ଅସାମାନ୍ୟ । ତାଙ୍କୁ ଜ୍ଞାତ ଥିଲା ତାଙ୍କ ସଙ୍ଗମରୁ ବେଦବ୍ୟାସ ଜନ୍ମ ନେବେ । ଆଗାମୀ ଦିନରେ ମହାକାବ୍ୟ ମହାଭାରତ ରଚିବେ । ଦୁର୍ଗନ୍ଧ ମତ୍ସ୍ୟଗନ୍ଧାରୁ ରୂପାନ୍ତରିତ ଗନ୍ଧଯୁକ୍ତ କନ୍ୟା ଆଉ ଅନ୍ୟ କେହି ନୁହେଁ, ନିଶାଦରାଜର ପାଳିତା କନ୍ୟା ସତ୍ୟବତୀ ଯାହାକୁ ବିବାହ କରିବା ପ୍ରସ୍ତାବ ରଖିଥିଲେ ହସ୍ତିନାପୁର ମହାରାଜ ଶାନ୍ତନୁ ।

ସେପଟେ ଶାନ୍ତନୁ ରାଜଉଆସକୁ ଲେଉଟିବା ପରେ ମଧ ଭୁଲି ପାରି ନ ଥିଲେ ସତ୍ୟବତୀଙ୍କ ସୁଗନ୍ଧକୁ । ପୁତ୍ର ଦେବବ୍ରତ ପ୍ରାପ୍ତି ପରେ ସେ ପତ୍ନୀ ଦେବୀ ଗଙ୍ଗାଙ୍କୁ ଭୁଲାଇ ବେଶ ଖୁସି ଥିଲେ । କିନ୍ତୁ ସତ୍ୟବତୀଙ୍କ ସହ ସାକ୍ଷାତ ପରେ ସେ ପୂର୍ବ ଭଳି ଉଦାସ ରହିବାକୁ ଲାଗିଲେ । କୁମାର ଦେବବ୍ରତଙ୍କ କାନକୁ କଥା ଗଲା । ପିତାଙ୍କୁ ପଚାରନ୍ତେ ସେ ପ୍ରକୃତ କାରଣ ଲୁଚାଇବାକୁ ପ୍ରୟାସ କଲେ । ରାଜକୁମାରଙ୍କ ମନରେ ସନ୍ଦେହ ଜାତ ହେଲା । ଗୁପ୍ତଚର ପଠାଇ ପତ୍ତା ନେଲେ । ଅସଲ କାରଣ ଜାଣିବାକୁ ତାଙ୍କୁ ସମୟ ଲାଗିଲାନି । ଦିନେ ହଠାତ କୁମାର ଦେବବ୍ରତ ନିଶାଦରାଜ ନିକଟରେ ପହଞ୍ଚିଲେ । ନିଶାଦରାଜଙ୍କୁ କହିଲେ ତାଙ୍କ ପୁତ୍ରୀଙ୍କ ବିବାହ ହସ୍ତିନାପୁର ନରେଶଙ୍କ ସହ ସମ୍ପନ୍ନ ହୋଇଥିଲେ ସେ ରାଣୀ ହୋଇଥାନ୍ତେ । ଏହା କଣ କମ ସୌଭାଗ୍ୟର କଥା ? ଉତ୍ତରରେ ନିଶାଦରାଜ କହିଲେ ସତ୍ୟବତୀ ମୋର ଜନ୍ମିତା ନୁହଁ, ପାଳିତା କନ୍ୟା । ସେ ଜଣେ ରାଜଦୁହିତା ଯିଏ ଆପଣଙ୍କ ସହ ସମାସ୍କନ୍ଧ । ସେ ରାଜା ଶାନ୍ତନୁଙ୍କ ହାତ ଧରିଲେ ତା ଗର୍ଭରୁ ଜାତ ପୁତ୍ର ହସ୍ତିନାପୁର ରାଜ ସିଂହାସନାଧିକାରୀ ହେବାକୁ ସକ୍ଷମ । ଯୋଗ୍ୟ ମଧ । କିନ୍ତୁ ଆପଣ ଥାଉ ଥାଉ ସତ୍ୟବତୀର ପୁତ୍ର ହସ୍ତିନାପୁରର ରାଜା ହେବ କିପରି ? ଦେବବ୍ରତଙ୍କୁ ବୁଝିବାକୁ କିଛି ବାକି ନ ଥିଲା । ପିତାଙ୍କ ଉଦାସ ଚେହେରା ତାଙ୍କୁ ଜଳଜଳ ଦେଖା ଯାଉଥାଏ । କାଳ ବିଳମ୍ବ ନ କରି କହିଲେ ମୁଁ ବଚନ ଦେଉଛି ମାତା ସତ୍ୟବତୀଙ୍କ ଗର୍ଭରୁ ଜନ୍ମିତ ପୁତ୍ର ହସ୍ତିନାପୁର ରାଜଗଦିରେ ବସିବ । ରାଜା ହେବ । ରାଜ୍ୟ ଶାସନ କରିବ । ଆପଣଙ୍କ ଉପରେ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି । କିନ୍ତୁ ଆପଣଙ୍କ ଅନ୍ତେ ଆପଣଙ୍କ ପୁତ୍ର ସତ୍ୟବତୀର ପୁତ୍ରକୁ ଗାଦିଚ୍ୟୁତ ନ କରିବେ ତାର କିଛି ନିଶ୍ଚିତତା ନାହିଁ । ନିଜ ପୁତ୍ରୀର ଭବିଷ୍ୟତ ସୁରକ୍ଷିତ କରିବା କଣ ଏକ ପିତାର ଧର୍ମ ନୁହେଁ, ପ୍ରତ୍ୟୁତ୍ତର ଦେଲେ ନିଶାଦରାଜ । ଜଣେ ପାଳିତ ପିତାର ପୁତ୍ରୀ ଚିନ୍ତା କୁମାରଙ୍କ ମନ କିଣି ନେଲା । ପିତା ଶାନ୍ତନୁଙ୍କ ଚିନ୍ତା ମଧ ତାଙ୍କୁ ଘାରୁଥାଏ । ତେଣୁ ସେ କଠୋର ନିଷ୍ପତ୍ତି ନେଲେ । ପିତାଙ୍କ ଖୁସି ପାଇଁ ସମସ୍ତ ଦେବାଦେବୀଙ୍କୁ ସାକ୍ଷୀ ରଖି ତାଙ୍କ ଜୀବନ ଥିବା ପର୍ଯ୍ୟନ୍ତ ବିବାହ କରିବେ ନାହିଁ, ଆଜୀବନ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିବାକୁ ଶପଥ ନେଲେ । ସମସ୍ତ ଦେବାଦେବୀ ଦେବବ୍ରତଙ୍କ ଭୀଷ୍ମ ପ୍ରତିଜ୍ଞାର ଭୂୟସୀ ପ୍ରଶଂସା କଲେ । ଶାନ୍ତନୁଙ୍କ ସହ ନିଜ ପୁତ୍ରୀ ସତ୍ୟବତୀର ବିବାହ ପାଇଁ ନିଶାଦରାଜ ସମ୍ମତି ପ୍ରଦାନ କଲେ । ନିଜର କଠୋର ସଂକଳ୍ପ, ଭୀଷ୍ମ ପ୍ରତଜ୍ଞା ଓ ବଳିଦାନ ପାଇଁ ସେହି ଦିନଠାରୁ ରାଜକୁମାର ଦେବବ୍ରତ ଭୀଷ୍ମଦେବ ବୋଲାଇଲେ ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର

## ଆଜିର ଚିନ୍ତନ

ସ୍ୱାମୀ ରାମତୀର୍ଥଙ୍କୁ ସନ୍ୟାସ ନେବା ପରେ ଆମେରିକା ଯାଇ ଭାରତୀୟ ସଂସ୍କୃତିର ପ୍ରଚାର-ପ୍ରସାର ନିମନ୍ତେ ଭଗବତ୍ ପ୍ରେରଣା ପ୍ରାପ୍ତ ହେଲା । ସେ ସମୁଦ୍ର ମାର୍ଗରେ ଜାହାଜରେ ଆମେରିକା ଯିବାର ବ୍ୟବସ୍ଥା କଲେ । କୌଣସି ଜଣେ ଅଜଣା ବ୍ୟକ୍ତି ତାଙ୍କ ଯାତ୍ରାର ବ୍ୟବସ୍ଥା ପାଇଁ ଟଙ୍କା ଭରିଦେଲା, କିନ୍ତୁ ଆମେରିକାରେ ପ୍ରବାସ ହେତୁ ତାଙ୍କ ପାଖରେ କୌଣସି ସାଧନ ନ ଥିଲା । ପ୍ରଭୁଙ୍କ ପ୍ରେରଣାରୁ ସେ ଜାହାଜରେ ବସି ତ ପଡ଼ିଲେ, ତଥାପି ଆଗର ସମସ୍ତ ବ୍ୟବସ୍ଥା ଭଗବାନ କରିଦେବେ ବୋଲି ତାଙ୍କ ମନରେ ନିଶ୍ଚିନ୍ତତା ଥିଲା । ଆମେରିକାର ବନ୍ଦର ପାଖେଇ ଆସିଲା । ସମସ୍ତେ ନିଜ ନିଜର ସାମାନ ଏକାଠି କରିବାକୁ ଲାଗିଲେ, କିନ୍ତୁ ସ୍ୱାମୀ ରାମତୀର୍ଥ ନିଃସ୍ପୃହ ଭାବରେ ଗୋଟିଏ କୋଣରେ ବସିଥିଲେ ।

ସେତେବେଳେ ଜଣେ ଆମେରିକାର ଯୁବତୀ ତାଙ୍କ ପାଖକୁ ଆସିଲା । ଏତେ ବଡ଼ କୋଳାହଳ ମଧ୍ୟରେ ସ୍ୱାମୀଜିଙ୍କୁ ନିଶ୍ଚଳ ଭାବରେ ବସିଥିବାର ଦେଖି ତା' ମନରେ ଜିଜ୍ଞାସା ଉଠିଲା । ସେ ଭାବିଲା ପ୍ରକୃତରେ ଏହି ବ୍ୟକ୍ତି ଜଣକ କିଏ, ଯାହାଙ୍କୁ ଏ ସାରା ସଂସାରର କୌଣସି ପରବାୟ ନାହିଁ । ସେ ସ୍ୱାମୀଜିଙ୍କୁ ଯାଇ ପଚାରିଲା– ଆପଣ କିଏ ? ସ୍ୱାମୀଜି କହିଲେ– ମୁଁ ସାମାନ୍ୟ ଫକିର । ସେହି ଯୁବତୀ ପୁଣି ପଚାରିଲା- 'ଆପଣଙ୍କ ପାଖରେ କୌଣସି ସାମାନ ଦେଖାଯାଉ ନାହିଁ, ଆପଣ ଆମେରିକାରେ କେଉଁଠି ରହିବେ, କ'ଣ ଆପଣଙ୍କର ଏଠାରେ କେହି ପରିଚିତ ଅଛନ୍ତି ? ସ୍ୱାମୀଜି ସେହି ନିରାସକ୍ତ ଭାବରେ କହିଲେ– 'ଫକିରକୁ ସଂପତ୍ତିର ଆବଶ୍ୟକତା କ'ଣ ? ସାରା ସଂସାର ହିଁ ପ୍ରଭୁଙ୍କ ଘର । ଏବେ ତ ସେ ପରିଚୟ ମଧ କରାଇଦେଲେ !" ଯୁବତୀ ଆଶ୍ଚର୍ଯ୍ୟ ହୋଇ କହିଲା– 'କାହା ସହିତ ?" ସ୍ୱାମୀଜି କହିଲେ– 'ଆପଣଙ୍କ ସହିତ !' ତାଙ୍କର ଏହି ନିଶ୍ଚିନ୍ତ ସ୍ୱଭାବରେ ପ୍ରଭାବିତ ହୋଇ ସେହି ଯୁବତୀ ସ୍ୱାମୀ ରାମତୀର୍ଥଙ୍କୁ ନିଜ ଘରକୁ ନେଇଗଲା ଏବଂ ସେ ତାଙ୍କର ଆମେରିକା ପ୍ରବାସର ସମସ୍ତ ବ୍ୟବସ୍ଥା କରିଦେଲା । ଭଗବାନଙ୍କ ଉପରେ ଭରସା ରହିଲେ ମରୁଭୂମିରେ ମଧ ଝରଣା ଉଛୁଳି ପଡ଼େ ।

# ସଫଳତା ପ୍ରାପ୍ତିର ରାଜମାର୍ଗ

ଜୀବନରେ ସଫଳତାର ଏକ ନିଶ୍ଚିତ ରାଜମାର୍ଗ ରହିଛି । ଏହା ଏକ ଦିଶାରେ ଆଶା, ଉତ୍ସାହ ଓ ଉଲ୍ଲାସ ସହିତ ମନର ସ୍ଥିରତା ଏବଂ ଶାନ୍ତିପୂର୍ଣ୍ଣ ମନଃସ୍ଥିତିର ନାମ ଅଟେ, ଯାହା କେତେକ କାରକ ମିଶି ଗଠିତ ହୋଇଥାଏ । ଏହି କାରକ ଗୁଡ଼ିକର ଅଭାବରେ ସଫଳତା ମିଳିବା ସନ୍ଦିଗ୍ଧ ହୋଇଥାଏ । ବ୍ୟକ୍ତି କୌଣସି ପ୍ରକାରେ ଜୀବନର ସଂକୀର୍ଣ୍ଣ ରାସ୍ତାରେ କହିବା ଯୋଗ୍ୟ କୌଣସି ରହଣି (ବିଶ୍ରାମ-ସ୍ଥଳ) ପାର କରିନେଉ ନା କାହିଁକି, କିନ୍ତୁ ସଫଳତାର ସନ୍ତୁଷ୍ଟିରୁ ବଞ୍ଚିତ ରହିଥାଏ । ସଫଳତାର ସର୍ବୋତ୍ତମ ସୂତ୍ରଗୁଡ଼ିକର ଚର୍ଚ୍ଚା କରିବା ପୂର୍ବରୁ ସଫଳତାରେ ବାଧକ ତତ୍ତ୍ୱଗୁଡ଼ିକ ଉପରେ ଚର୍ଚ୍ଚା କରିବା ଉଚିତ ହେବ, ଯଦ୍ୱାରା ଏଗୁଡ଼ିକର ପରିଚୟ ଆଧାରରେ ସଫଳ ଜୀବନର ଦିଶାଧାରା ନିର୍ଦ୍ଧାର୍ଯ୍ୟ କରାଯାଇ ପାରିବ ।

ସର୍ବପ୍ରଥମେ ଯଦି ଲକ୍ଷ୍ୟ ସ୍ପଷ୍ଟ ନାହିଁ, ତ ଜୀବନର ଦିଶା ସନ୍ଦିଗ୍ଧ ରହିବ । ଏପରି ସ୍ଥିତିରେ କହିବା ଯୋଗ୍ୟ ସଫଳତା ମଧ ସମ୍ଭବ ହୋଇ ପାରିବ ନାହିଁ । କାରଣ ସଫଳତା ଆକାଶରୁ ଖସି ହାତ ଉପରେ ପଡୁଥିବା କୌଣସି ବସ୍ତୁ ନୁହେଁ ।

ଏଥିପାଇଁ ସୁନିୟୋଜିତ ଢଙ୍ଗରେ ସଚେଷ୍ଟ ପ୍ରୟାସ କରିବାକୁ ପଡ଼ିଥାଏ ଏବଂ ଏହା ନିଜର ମୂଲ୍ୟ ମାଗିଥାଏ । ବିନା ମୂଲ୍ୟରେ ମିଳୁଥିବା ସଫଳତା ବାସ୍ତବରେ କୌଣସି ଅଧିକ ମୂଲ୍ୟର ହୋଇ ନଥାଏ ।

ସଫଳତାର ଏକ କାରକ ତତ୍ତ୍ୱ ହେଉଛି– ସ୍ୱୟଂ ପ୍ରତି ଜାଗରୂକତା । ଆତ୍ମଜାଗରୂକତାର ଅଭାବରେ ସଫଳତା ସମ୍ଭବ ହୋଇ ନ ଥାଏ । କାରଣ ଯେପର୍ଯ୍ୟନ୍ତ ବ୍ୟକ୍ତି ନିଜର ଶକ୍ତି ଓ ଦୁର୍ବଳତା ସହିତ ପରିଚିତ ହେବ ନାହିଁ, ନିଜର କ୍ଷମତାଗୁଡ଼ିକ ସମ୍ପର୍କରେ ଅନଭିଜ୍ଞ ରହିବ ତଥା ନିଜର ସମ୍ଭାବନାଗୁଡ଼ିକ ପ୍ରତି ଆଶ୍ୱସ୍ତ ହେବ ନାହିଁ, ସେପର୍ଯ୍ୟନ୍ତ ସଠିକ୍ ଲକ୍ଷ୍ୟ ନିର୍ଦ୍ଧାରଣ କିପରି ହୋଇ ପାରିବ । ଏହିପରି ଲକ୍ଷ୍ୟ ସ୍ପଷ୍ଟ ନ ହେବାରେ ଆତ୍ମଜାଗରୂକତାର ଅଭାବ ଏକ ମୁଖ୍ୟ କାରଣ ହୋଇଥାଏ ।

ଏହି କାରଣରୁ ଜୀବନ ଆଳସ୍ୟ-ପ୍ରମାଦରେ ବିତିଯାଏ । ଆଳସ୍ୟରେ ଜୀବନ ଖାଇ-ପିଇ, ମଉଜ-ମସ୍ତି କରି, ଶୋଇ ରହି ଓ ଦିବାସ୍ୱପ୍ନ ଦେଖି ଦେଖି ବେହୋସରେ କଟିଯାଏ ଏବଂ ହାତରେ କିଛି ପଡ଼େ ନାହିଁ । ଏପରି ଜ୍ୱଳନ୍ତ ଧ୍ୟେୟର ଅଭାବରେ ପ୍ରମାଦ ମଧ ବ୍ୟକ୍ତିକୁ ଲକ୍ଷ୍ୟ ସିଦ୍ଧିରୁ ବଞ୍ଚିତ ରଖିଥାଏ ।

ପ୍ରତିଦିନର କାମକୁ ଟାଳିଦେବାର ପ୍ରବୃତ୍ତି ପ୍ରମାଦ କାରଣରୁ ହିଁ ହୋଇଥାଏ । ଆଳସ୍ୟ-ପ୍ରମାଦ କାରଣରୁ ଜୀବନ କେଉଁଆଡ଼େ ଗତି କରେ, ଏହାର ମଧ ଜ୍ଞାନ ରହେ ନାହିଁ ଏବଂ ଯେତେବେଳେ ହୋସ ଆସି ଥାଏ, ସେତେବେଳ ପର୍ଯ୍ୟନ୍ତ ବହୁତ ବିଳମ୍ବ ହୋଇ ଯାଇଥାଏ ।

ଏହାର ସମ୍ମିଳିତ ପ୍ରଭାବ ଜୀବନରେ ଅନୁଶାସନର ଅଭାବ ରୂପେ ଦେଖାଯାଏ । ଏପରି ସ୍ଥିତିରେ ବ୍ୟକ୍ତିର ଈଶ୍ୱର ପ୍ରଦତ୍ତ ଶକ୍ତିଗୁଡ଼ିକ ବ୍ୟର୍ଥରେ ନଷ୍ଟ ହୋଇଥାଏ । ସଫଳତା ପାଇଁ ତନୁ, ମନ ଓ ଅନ୍ତରାତ୍ମାର କ୍ଷମତାଗୁଡ଼ିକର ଯେଉଁ ସମ୍ମିଳିତ ପ୍ରୟାସ ଅପେକ୍ଷିତ ରହିଥାଏ, ତାହା ଅନୁଶାସନ ଅଭାବରେ ସମ୍ଭବ ହୋଇପାରେ ନାହିଁ । ପାଣିକୁ ଫୁଟାଇବା ପାଇଁ ଏକ ନିଶ୍ଚିତ ତାପମାତ୍ରାର ଆବଶ୍ୟକତା ପଡ଼ିଥାଏ, ଏହିପରି ଲକ୍ଷ୍ୟ ସିଦ୍ଧିରେ ମଧ ନିଶ୍ଚିତ ଉତ୍ସାହ, ପୁରୁଷାର୍ଥ ଓ ଅନୁଶାସନର ଆବଶ୍ୟକତା ଥାଏ, ଯାହାର ଅଭାବରେ ବ୍ୟକ୍ତି ବାଞ୍ଛିତ ସଫଳତାରୁ ବଞ୍ଚି ରହିଯାଏ ।

ଆତ୍ମସମ୍ମାନର ନ୍ୟୂନତା ଏବଂ ଆତ୍ମବିଶ୍ୱାସର ଅଭାବ ଏହାର ସ୍ୱାଭାବିକ ପରିଣାମ ହୋଇଥାଏ, ଯେଉଁ କାରଣରୁ ବ୍ୟକ୍ତି ନିଜ ପ୍ରତି ସୁସ୍ଥ ଧାରଣା ରଖିପାରେ ନାହିଁ । ସେ ହୀନତାରେ ଗ୍ରସ୍ତ ରହିଥାଏ ଏବଂ ନକାରାତ୍ମକ ବିଚାରର ଶିକାର ହୋଇଯାଏ । ସଫଳ ବ୍ୟକ୍ତିମାନଙ୍କ ଠାରୁ ଆବଶ୍ୟକ ପ୍ରେରଣା ଗ୍ରହଣ କରିବା ପରିବର୍ତ୍ତେ ଅନାବଶ୍ୟକ ଈର୍ଷା-ଦ୍ୱେଷ ଏବଂ ଦୋଷାରୋପଣର ଭାବ କାରଣରୁ ଏପରି ସ୍ଥିତିରେ ମନଃସ୍ଥିତି ବିଷାକ୍ତ ହୋଇଯାଏ ।

ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ

ବର୍ଷ ୭୯, ସଂଖ୍ୟା - ୪୫, ୯ - ୧୫ ନଭେମ୍ବର ୨୦୨୫

# ବିଜ୍ଞାନ ଓ ଅଧ୍ୟାତ୍ମର ସମନ୍ୱୟ

ବିଜ୍ଞାନ ଅନୁସାରେ ଅନ୍ତରୀକ୍ଷ ଓ ତାହାର ଅନ୍ତର୍ବସ୍ତୁକୁ ବ୍ରହ୍ମାଣ୍ଡ କୁହାଯାଏ । ବ୍ରହ୍ମାଣ୍ଡରେ ସମସ୍ତ ଗ୍ରହ, ତାରା, ଛାୟାପଥ, ଅପରମାଣବିକ କଣ, ସମସ୍ତ ପଦାର୍ଥ ଓ ସମସ୍ତ ଉର୍ଜାଂଶ ସମ୍ମିଳିତ । ଏହି ପ୍ରକାର ବ୍ରହ୍ମାଣ୍ଡରେ ଦୁଇଟି ସ୍ୱରୂପକୁ ସ୍ୱୀକାର କରାଯାଇଛି, ଗୋଟିଏ ଭୌତିକ ତଥା ଅନ୍ୟଟି ଆଧ୍ୟାତ୍ମିକ ସ୍ୱରୂପ । ଭୌତିକ ସ୍ୱରୂପ ତାହା, ଯାହାକୁ ଆମେ ପ୍ରତ୍ୟକ୍ଷ ରୂପେ ନିଜ ଆଖିରେ ଦେଖିଥାଉ, କାନ ଦ୍ୱାରା ଶୁଣିଥାଉ, ନାକ ଦ୍ୱାରା ଶୁଦ୍ଧ ଗନ୍ଧର ବୋଧ କରିଥାଉ, ଜିହ୍ୱା ଦ୍ୱାରା ଚାଖି ସ୍ୱାଦ ଜାଣିଥାଉ । ଭୌତିକ ଜଗତ୍ ବ୍ରହ୍ମାଣ୍ଡରେ ଉପସ୍ଥିତ ବସ୍ତୁଗୁଡିକର ପ୍ରକଟୀକରଣ ମାତ୍ର । ଜଡ ଓ ଚେତନ ପଦାର୍ଥ ଯେପରି ଭାବରେ ଦୃଷ୍ଟିର ସମ୍ମୁଖରେ ଥାଏ, ସେଗୁଡିକୁ ସେହି ରୂପରେ ସ୍ୱୀକାର କରି ବ୍ୟକ୍ତି ନିଜର ଭୌତିକ ଶରୀରର ସୁବିଧାଗୁଡିକ ପାଇଁ ସେଗୁଡ଼ିକର ପ୍ରୟୋଗ କରିଥାଏ ।

ଆଧ୍ୟାତ୍ମିକ ଜଗତ ଭୌତିକତାକୁ ସ୍ୱୀକାର କରିଥାଏ, କିନ୍ତୁ ବ୍ରହ୍ମାଣ୍ଡରେ ଭୌତିକ ତତ୍ତ୍ୱଗୁଡିକର ସୃଜନ କୌଣସି ପରମ ଶକ୍ତି ମାଧ୍ୟମରେ ହିଁ ହୋଇଛି ତଥା ସେହି ପରମ ଶକ୍ତି ସମଗ୍ର ବ୍ରହ୍ମାଣ୍ଡର ସଂଚାଳନ କରୁଛି- ଏକଥା ମଧ୍ୟ ମାନିଥାଏ ।

ସେହି ପରମ ସତ୍ତାଙ୍କୁ ପରମାତ୍ମା କହନ୍ତି, ତାଙ୍କର କ୍ରିୟାଶୀଳତା ହିଁ ପ୍ରକୃତି । ଧର୍ମ ଯାହା ବି ହେଉନା କାହିଁକି, ମାର୍ଗ ଯାହା ବି ହୋଇଥାଉ ପଛକେ, ପରନ୍ତୁ ପୂଜା, ଶକ୍ତିର ହିଁ ହୋଇଥାଏ । ଶକ୍ତି ପରମ ସତ୍ତାଙ୍କର ହିଁ ପର୍ଯ୍ୟାୟ । ପରମ ସତ୍ତାଙ୍କୁ ଚିହ୍ନିବା କିପରି ? ଏହା ହିଁ ବିଚାରଣୀୟ । ଏହି ସନ୍ଦର୍ଭରେ କୁହାଯାଇ ପାରେ ଯେ ଆଡମ୍ବର ଯୁକ୍ତ ପୂଜା ପଦ୍ଧତିଗୁଡିକ ଦ୍ୱାରା ପରମ ସତ୍ତାଙ୍କର ଦର୍ଶନ କରାଯାଇ ନ ପାରେ ।

ନିର୍ଗୁଣ ଭକ୍ତି ଶାଖା ଓ ସଗୁଣ ଭକ୍ତ ଶାଖାଗୁଡିକ ବିପରୀତ ଦିଶାରେ ପରମ ସତ୍ତାଙ୍କୁ ଅନୁଭବ କରିବାର ପ୍ରୟାସ କରୁଛନ୍ତି, କିନ୍ତୁ ପ୍ରକୃତ ଅର୍ଥରେ ପରମ ସତ୍ତାଙ୍କ ଅନୁଭବ ପ୍ରାପ୍ତ କରିବା ସେମାନଙ୍କ ପାଇଁ ମଧ୍ୟ ସରଳ ଓ ସହଜ ନୁହେଁ । ଆମେ ବୈଚାରିକ ଧରା ।ତଳରେ ଆସ୍ତିକ ଓ ନାସ୍ତିକ ପରି ଆସ୍ଥାଗୁଡିକରେ ସଂକୁଚିତ ହୋଇ ତର୍କ-ବିତର୍କ କରିବାରେ ବିଶ୍ୱାସ କରିଥାଉ । ଯେବେ କେବେ ଆମେ ଶାନ୍ତିପୂର୍ଣ୍ଣ ବାତାବରଣରେ ସ୍ଥିର ହୋଇ ମନନ କରିଥାଉ, ତ ସତ୍ୟର ଅନୁଭବ ଆମକୁ ଅବଶ୍ୟ ହୋଇଥାଏ ।

ସତ୍ୟ ଧର୍ମର ସଂକୀର୍ଣ୍ଣ ପରିଭାଷାଗୁଡିକରେ ବାନ୍ଧିହୋଇ ଛଟପଟ ଅନୁଭବ କରିଥାଏ । ବିଶିଷ୍ଟ ପୂଜା ପଦ୍ଧତିଗୁଡିକ ତାକୁ କୃତ୍ରିମତାର ବୋଧ କରାଇଥାଏ । ସେ ସ୍ୱତନ୍ତ୍ର ହେବାକୁ ଚାହେଁ । ସମସ୍ତ ବନ୍ଧନରୁ ମୁକ୍ତ ହେବାକୁ ଚାହିଁଥାଏ । ନିଶ୍ଚିତ ରୂପେ ପ୍ରାଣୀର ଜନ୍ମ କୌଣସି ଧର୍ମ, ଜାତି ବା ସଂପ୍ରଦାୟରେ ହୋଇ ନ ଥାଏ । ଜାତୀୟ ବନ୍ଧନ ତାକୁ ସମାଜ ପ୍ରଦାନ କରିଥାଏ ।

ପ୍ରକୃତି ମାନବ ସ୍ୱରୂପ ପ୍ରଦାନ କରି ଆମକୁ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଶ୍ରେଷ୍ଠତା ପ୍ରଦାନ କରିଛି । ସେହି ଶ୍ରେଷ୍ଠତାକୁ ଆମେ ସଂକୀର୍ଣ୍ଣତାର ପରିଧିରେ ଢାଳି ନିଜ ପାଇଁ ବନ୍ଧନ ତିଆରି କରୁଛେ । ସଂକୀର୍ଣ୍ଣ ବିଚାର ଧାରାଗୁଡିକ ସମାଜରେ ସଂଘର୍ଷର ସ୍ଥିତି ଉତ୍ପନ୍ନ କରୁଛି । ସମଗ୍ର ବିଶ୍ୱରେ ଜାତୀୟ ଓ ଧାର୍ମିକ ଉନ୍ମାଦର କାରଣ ହେଉଛି ଏହି ସଂକୀର୍ଣ୍ଣତା, ଏହା ବିଶ୍ୱ ଶାନ୍ତିକୁ ଭଙ୍ଗ କରୁଛି ।

ଏପରି ଚିନ୍ତନ ଦ୍ୱାରା ମାନବ ମାତ୍ରର କଲ୍ୟାଣର ସର୍ବୋପରି କାମନା ବ୍ୟକ୍ତ ହୋଇଥାଏ । ବିଚାରଗୁଡିକ ଯଥାର୍ଥର ଧରାତଳରେ ଅବତରଣ କରିବା ଦ୍ୱାରା ହିଁ ସମାଜ ବିକଶିତ ହୋଇଥାଏ । ସମାଜର କଲ୍ୟାଣର ପୃଷ୍ଠଭୂମି ‘ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା’ର ଭାବନା ଦ୍ୱାରା ହିଁ ସମ୍ଭବ, ଯେଉଁଥି ପାଇଁ ସଂକୀର୍ଣ୍ଣ ବନ୍ଧନକାରୀ ବିଚାର ଓ କ୍ରିୟାକଳାପଗୁଡିକୁ ତ୍ୟାଗ କରିବା ଅନିବାର୍ଯ୍ୟ ।

ସଂକୀର୍ଣ୍ଣତା ବିଚାରର ହେଉ ଅଥବା ଭାବନାର– ଆମର ବିକାଶକୁ ଅବରୁଦ୍ଧ କରିଥାଏ । ବିଚାର ସୃଜନଶୀଳ ହେବା ଉଚିତ ଏବଂ ଭାବନା ପବିତ୍ର ଓ ପାବନ ହେବା ବାଞ୍ଛନୀୟ । ଏହା ହିଁ ମାନବୀୟ ବିକାଶର ଅଧିକାର । ବ୍ରହ୍ମାଣ୍ଡ ସତତ ବିକଶିତ ହେଉଛି । ଏହି ପ୍ରକାର ଆମେ ମଧ୍ୟ ନିଜ ଭିତରର ଶକ୍ତିଗୁଡିକୁ ସକ୍ଷମ, ସମର୍ଥ ଓ ବିକଶିତ କରିବା ଉଚିତ ଏବଂ ଏହା ସେତେବେଳେ ସମ୍ଭବ ହେବ, ଯେତେବେଳେ ଶରୀର ଓ ମନ ଅର୍ଥାତ୍ ଭୌତିକତା ଓ ଆଧ୍ୟାତ୍ମିକତା ମଧ୍ୟରେ ଆମେ ସମୁଚିତ ସମନ୍ୱୟ ଏବଂ ସାମଞ୍ଜସ୍ୟ ସ୍ଥାପନ କରିବା ।

## ଶରୀରର ହିତ ପାଇଁ କଳା ଲୁଣ


କଳା ଲୁଣର ଔଷଧୀୟ ଗୁଣରେ ଭରପୂର ହୋଇଥାଏ । ଏଥିରେ ପ୍ରାୟ ୮୦ ପ୍ରକାର ଖଣିଜ ପଦାର୍ଥ ମିଳିଥାଏ । ପେଟର ହଜମ ଶକ୍ତିର ସୁଧାର ପାଇଁ କଳା ଲୁଣ ଅତ୍ୟନ୍ତ ଉପଯୋଗୀ । ମେଦବୃଦ୍ଧି, ଉଚ୍ଚ ରକ୍ତଚାପ, ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ଦୂର କରିବାରେ ସହାୟକ ହୋଇଥାଏ କଳା ଲୁଣ ।



ଏଥିରେ ଥିବା ସଲଫର ସଲ୍ଟ କାରଣରୁ ସୁଗନ୍ଧ ଆସିଥାଏ । କଳା ଲୁଣ ନିଦ୍ରାହୀନତା ମଧ୍ୟ ଦୂର କରିଥାଏ । ଆଣ୍ଠୁଗଣ୍ଠି ଯନ୍ତ୍ରଣାରେ ଗରମ ପାଣିରେ କଳା ଲୁଣ ମିଶାଇ ଯନ୍ତ୍ରଣା ହେଉଥିବା ସ୍ଥାନରେ ସେକ ଦେଲେ ଆରାମ ମିଳିଥାଏ । କଳା ଲୁଣ ପକାଇ ଗରମ ପାଣିରେ ବାମ୍ପ ନେଲେ କଫ, ସର୍ଦ୍ଦି ଓ କାଶ ଦୂର ହେବାରେ ସହାୟତା ମିଳିଥାଏ ।

## ମନ

### ମହାତ୍ମା ଗାନ୍ଧୀ



ଅନ୍ୟ ଯାବତୀୟ ବ୍ରତ ପରି ବ୍ରହ୍ମଚର୍ଯ୍ୟ ବ୍ରତକୁ ମଧ ଭାବନାରେ, ବାକ୍ୟରେ ଏବଂ କର୍ମରେ ପାଳନ କରିବାକୁ ହେବ । ଗୀତାରେ ଆମକୁ କୁହାଯାଇଛି ତଥା ଆମ ଅଭିଜ୍ଞତା ମଧ ସେହି କଥାଟିର ସମର୍ଥନ କରୁଛି ଯେ, ଯେଉଁ ନିର୍ବୋଧ ବ୍ୟକ୍ତି ଆପଣାର ଶରୀରକୁ ନିୟନ୍ତ୍ରଣରେ ରଖିଥିବା ପରି ମନେ ହେଉଛି ଅଥଚ ଯିଏ ଆପଣାର ମନ ଭିତରେ ନାନା ଦୁଷ୍ଟ ଭାବନାକୁ ପ୍ରଶ୍ରୟ ଦେବାରେ ଲାଗିଛି, ସିଏ ପ୍ରକୃତରେ ଏକ ବ୍ୟର୍ଥଚେଷ୍ଟା କରିବାରେ ଲାଗିଛି । ମନକୁ ହୁଗୁଳା କରି ଛାଡି ଦିଆ ଯାଇଥିବା ପର୍ଯ୍ୟନ୍ତ ଶରୀରକୁ ଦବାଇ ରଖିବା କ୍ଷତିକାରକ ମଧ ହୋଇପାରେ । ମନ ଯଦି ଏଣେତେଣେ ବୁଲିବାରେ ଲାଗିଥାଏ, ତେବେ ଶୀଘ୍ର ହେଉ ଅଥବା ବିଳମ୍ବରେ ହେଉ, ଶରୀର ମଧ ସେଠାକୁ ଯିବାଲାଗି ଅବଶ୍ୟ ବାଧ ହେବ ।

ଅଶୁଦ୍ଧ ନାନା ଭାବନାକୁ ପ୍ରଶ୍ରୟ ଦେବାଲାଗି ମନକୁ ଅନୁମତି ଦେବା ଗୋଟିଏ କଥା, ମାତ୍ର ଆମର ଇଚ୍ଛା ବିରୁଦ୍ଧରେ ମଧ ତାହାକୁ ସେହି ଭାବନାଗୁଡିକ ଭିତରେ ଉଡି ବୁଲିବାକୁ ଦେବା ଏକ ସମ୍ପୂର୍ଣ୍ଣ ଭିନ୍ନ କଥା । ମନ ସହିତ ତା'ର ଏହିସବୁ ଦୁଷ୍ଟ ଉଡି ବୁଲିବା ସହିତ ଯଦି ଆମେ ଅସହଯୋଗ କରିପାରିବା, ତେବେ ଆମର ବିଜୟ ସୁନିଶ୍ଚିତ ।

ବ୍ରହ୍ମଚର୍ଯ୍ୟ ହେଉଛି ଏକ ମାନସିକ ସ୍ଥିତି । ମନୁଷ୍ୟର ବାହ୍ୟ ଆଚରଣ ଏକାଧାରରେ ତା'ର ଅନ୍ତର୍ଗତ ସ୍ଥିତିର ସଙ୍କେତ ଏବଂ ପ୍ରମାଣ ଦେଇଥାଏ । ଯିଏ ନିଜର ଯୌନ ବାସନାକୁ ସଂହାର କରି ପାରିଛି, ସେ କୌଣସି ଆକାର ଅଥବା ପ୍ରକାରରେ କଦାପି ସେହି ଅପରାଧରେ ଅପରାଧୀ ହେବ ନାହିଁ । ଜଣେ ନାରୀଠାରେ ଯେତେ ଆକର୍ଷଣ ଶକ୍ତି ରହିଥାଉ ପଛକେ, ଯୌନ ବାସନା ନଥିବା ଜଣେ ପୁରୁଷ ଉପରେ ସେହି ଆକର୍ଷଣର ଆଦୌ କୌଣସି ପ୍ରଭାବ ପଡିବ ନାହିଁ । ଜଣେ ନାରୀର କ୍ଷେତ୍ରରେ ମଧ ସେହ ନିୟମଟି ଅବଶ୍ୟ ପ୍ରଯୁଜ୍ୟ ହୋଇ ପାରିବ ।

ବ୍ରହ୍ମଚର୍ଯ୍ୟ ଆଦୌ ଏପରି ଗୋଟିଏ ଗୁଣ ନୁହେଁ, ଯାହାର ଅନୁଶୀଳନ ବାହାରର ସଂଯମ ଦ୍ୱାରା ସମ୍ଭବ ହୋଇ ପାରିବ । ଯିଏ ଜଣେ ନାରୀ ସହିତ ଏକ ଆବଶ୍ୟକୀୟ ସମ୍ପର୍କ ସ୍ଥାପନରୁ ଦଉଡି ପଳାଇଯାଏ, ସିଏ ବ୍ରହ୍ମଚର୍ଯ୍ୟର ସମ୍ପୂର୍ଣ୍ଣ ଅର୍ଥଟିକୁ ଆଦୌ ବୁଝି ନ ଥାଏ ।

ପ୍ରକୃତ ବ୍ରହ୍ମଚାରୀ ମିଛ ସଂଯମଗୁଡିକୁ ମଧ ପରିତ୍ୟାଗ କରିବ । ଆପଣାର ସୀମାଗୁଡିକ ଅନୁସାରେ ଆପଣାର ବାଡ଼ଗୁଡିକୁ ସେ ସ୍ୱୟଂ ବସାଇବ । ସେଗୁଡିକର ଆଉ ଆବଶ୍ୟକତା ନାହିଁ ବୋଲି ଅନୁଭବ କରି ସେ ନିଜେ ସେଗୁଡିକୁ ଭାଙ୍ଗିଦେବ । ଯଥାର୍ଥ ବ୍ରହ୍ମଚର୍ଯ୍ୟ କହିଲେ ପ୍ରକୃତରେ କ'ଣ ବୁଝାଏ, ଆମେ ସର୍ବପ୍ରଥମେ ତାହାକୁ ଜାଣିବା, ତା' ପରେ ତାହାର ମୂଲ୍ୟକୁ ଉପଲବ୍ଧି କରିବା ଏବଂ ସବାଶେଷରେ ଏହି ଅମୂଲ୍ୟ ଗୁଣଟିର ଅନୁଶୀଳନ କରିବାର ପ୍ରୟାସ କରିବା । ମୁଁ ଭାବୁଛି ଯେ, ଦେଶର ଯଥାର୍ଥ ସେବା କରି ପାରିବାକୁ ହେଲେ ଏହି ବ୍ରତଟିକୁ ଅବଶ୍ୟ ପାଳନ କରିବାକୁ ହେବ ।

## ରକ୍ତଚାପ ନିୟନ୍ତ୍ରଣକାରୀ କରମଙ୍ଗା

ଖଟାମିଠା ଯୁକ୍ତ କରମଙ୍ଗାର ଚାହିଦା ବେଶ ଅଧିକ । ଏସୀୟ ଦେଶମାନଙ୍କରେ ଏହି ଫଳକୁ ମୁଖ୍ୟତଃ ଖଟା ବା ଆଚାର କରି ଖାଇବାକୁ ଲୋକେ ପସନ୍ଦ କରନ୍ତି । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ରହିଛି । ଗୋଟିଏ ମଧ୍ୟମ ଆକାର କରମଙ୍ଗାରେ ୫୨ ପ୍ରତିଶତ ଭିଟାମିନ୍ ସି ରହିଥାଏ । ଏହା ହୃଦ୍ ସମସ୍ୟା ହ୍ରାସ ସହିତ ଉଚ୍ଚ ରକ୍ତଚାପଯୁକ୍ତ ବ୍ୟକ୍ତିଙ୍କ ପାଇଁ ଲାଭକାରୀ । ଏକ କପ୍ କରମଙ୍ଗାରେ ୧୭୬ ମିଲିଗ୍ରାମ୍ ପୋଟାସିୟମ୍ ଓ ୨.୬ ମିଲିଗ୍ରାମ ସୋଡିୟମ୍ ରହିଛି, ଯାହା ଶିରାପ୍ରଶିରାକୁ ସୁସ୍ଥ ରଖି ଶରୀରରେ ରକ୍ତଚାପକୁ ସନ୍ତୁଳିତ ରଖେ । ଶରୀରରେ ଥିବା ୟୁରିକ୍ ଏସିଡକୁ ସଫା କରିଥାଏ । ଏହା ସହ ଭିଟାମିନ୍ ସି, ଚର୍ମସମସ୍ୟା ଦୂର କରି ତ୍ୱଚା ଉଜ୍ଜ୍ୱଳ କରେ । କରମଙ୍ଗାରେ ଫାଇବର୍ ଓ ପ୍ରଚୁର ପାଣି ଅଛି, ତେଣୁ ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ୍ କଲେ ଭୋକ କମ୍ ଲାଗିଥାଏ । ଏହା ଦ୍ୱାରା ଶରୀରର ଅତ୍ୟଧିକ ଚର୍ବି କମେ । ଭିଟାମିନ୍ ବି-୫, କପର, ପୋଟାସିୟମ୍, ମ୍ୟାଗ୍ନେସିୟମ ଆଦି ପୋଷକ ତତ୍ତ୍ୱ ମଧ ରହିଛି, ଯାହା ଶକ୍ତିଦାୟକ ଏବଂ ସମସ୍ତ ରାସାୟନିକ ପ୍ରକ୍ରିୟାକୁ ସନ୍ତୁଳିତ ରଖେ । ଫଳରେ ରାତିରେ ଭଲ ନିଦ ହୁଏ । ଅଷ୍ଟିଓପୋରୋସିସ ରୋଗରୁ ଏହା ମୁକ୍ତି ଦିଏ । ନିୟମିତ କରମଙ୍ଗା ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୁଏ । ପାଦ ବା ଆଣ୍ଠୁ ଫୁଲା ସମସ୍ୟା ମଧ କମେ । ତେବେ କେତେକ କ୍ଷେତ୍ରରେ କରମଙ୍ଗାର କୁ ପ୍ରଭାବ ମଧ ଦେଖିବାକୁ ମିଳେ । ଏହା ଦ୍ୱାରା ଆଲର୍ଜି ସମସ୍ୟା ଦେଖା ଯାଇପାରେ । ବୃକ୍କ ସମସ୍ୟା ଥିଲେ କରମଙ୍ଗାଠୁ ଦୂରେଇ ରହିବା ଭଲ ।

## ସଫଳତା ପ୍ରାପ୍ତିର ରାଜମାର୍ଗ... (ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଦୃଷ୍ଟିକୋଣରେ ଦୋଷ ରହିଲେ ଜୀବନ ମଧ ଦୂଷିତ ହୋଇଯାଏ । ଏପରି ସ୍ଥିତିରେ ବ୍ୟକ୍ତି ସ୍ୱୟଂ ନିଜ ମଧ୍ୟରେ ଏତେ ମାତ୍ରାରେ ଫସିଯାଏ ଯେ ସେ ଅନ୍ୟମାନଙ୍କୁ ମଧ ବୁଝିପାରେ ନାହିଁ । କୌଣସି ପରିସ୍ଥିତିର ସମ୍ୟକ୍ ମୂଲ୍ୟାଙ୍କନ ଏବଂ ତଦନୁରୂପ ଉଚିତ ନିର୍ଣ୍ଣୟ ନେବାର କ୍ଷମତା ହରାଇ ବସେ ।

ଅନ୍ୟମାନଙ୍କ ସହିତ ତାଳମେଳ ଅଭାବରୁ ଏବଂ ଦୁର୍ବଳ ସମ୍ବାଦ କୌଶଳ କାରଣରୁ ବ୍ୟକ୍ତି ପାରିବାରିକ ଓ ସାମାଜିକ ଜୀବନରେ ମଧ ଅସଫଳତାର ଚୋଟ ଖାଇବା ପାଇଁ ବିବଶ – ବାଧ୍ୟ ହୋଇଥାଏ ଏବଂ ଏସବୁକୁ ମିଶାଇ ବ୍ୟକ୍ତି ଏକ ପରାଜିତ ଜୀବନ ବଞ୍ଚିବା ପାଇଁ ଅଭିଶପ୍ତ ହୋଇଥାଏ ।

ଏପରି ସ୍ଥିତିରେ ଜୀବନ ଯଦି ଅସୁରକ୍ଷା, ଈର୍ଷା–ଦ୍ୱେଷ ଏବଂ ଭୟର ଭାବରେ ଆକ୍ରାନ୍ତ ହୋଇଯାଏ ତ କୌଣସି ବଡ଼ କଥା ନୁହେଁ । ଏହାଠାରୁ ବି ଆଗକୁ ଜୀବନ ଅବସାଦର ଗହନ ଅନ୍ଧକାରରେ ହଜିଯିବାର ବିପଦ ରହିଥାଏ ଏବଂ ବହୁମୂଲ୍ୟ ଜୀବନ ବ୍ୟର୍ଥରେ ବରବାଦ ହେଉଥିବାର ପ୍ରତୀତ ହୋଇଥାଏ ତଥା ଏକ ଅସଫଳ ଜୀବନଯାପନ କରିବା ବ୍ୟକ୍ତିର ନିୟତି ହୋଇଯାଏ ।

ଏହି ସ୍ଥିତିରୁ ବାହାରକୁ ବାହାରିବାର ମାର୍ଗ ମଧ ଏହି ଅନ୍ଧାରରୁ ହିଁ ବାହାରିଥାଏ । ଏହା ମଧ୍ୟରେ ଦୀପ ଜଳାଇବାର ସାହସ ସହିତ ସଫଳତାର ନୂତନ ରାସ୍ତା ଖୋଜା ଯାଇପାରେ ।

ଏଥିପାଇଁ ସର୍ବପ୍ରଥମେ ନିଜ ଜୀବନର ଉଦ୍ଦେଶ୍ୟ ଖୋଜନ୍ତୁ । ଆପଣଙ୍କ ଜୀବନରେ କେଉଁ ଜିନିଷଗୁଡ଼ିକ ପ୍ରତି ଉତ୍ସାହ ଓ ରୁଚି ରହିଛି, ଆପଣଙ୍କ ଜୀବନର ଉଦ୍ଦେଶ୍ୟ କ'ଣ, ଏହାକୁ ଖୋଜନ୍ତୁ । ଏବେ ଏହାର ଆଖପାଖରେ ନିଜ ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ କରନ୍ତୁ ।

ନିତ୍ୟ ଆତ୍ମସମୀକ୍ଷା କରନ୍ତୁ । ସ୍ୱାଧ୍ୟାୟ-ସତ୍‌ସଂଗର ସାହାଯ୍ୟ ନିଅନ୍ତୁ । ଏହାର ପ୍ରକାଶରେ ଜୀବନର ଉଦ୍ଦେଶ୍ୟରେ ନୂତନ ପ୍ରକାଶର ସଂଚାର ହେବ । ଏଥିରେ ନବୀନତା ଆସିବ । ଜୀବନ ଲକ୍ଷ୍ୟକୁ ଅଧିକ ସ୍ପଷ୍ଟ କରିବା ପାଇଁ ବିଶେଷଜ୍ଞମାନଙ୍କ ରାୟ ନିଆଯାଇ ପାରେ ।

ଲକ୍ଷ୍ୟ ସ୍ପଷ୍ଟ ହେବା, ବ୍ୟାବହାରିକ ହେବା, ଆପଣଙ୍କ ରୁଚି ସହିତ ଯୋଡ଼ିହେବା, ସମାଜ ଉପଯୋଗୀ ହେବା ଆବଶ୍ୟକ, ଯାହାକୁ ଆପଣ ନିୟମିତ ଆଧାରରେ ହାସଲ କରି ପାରିବେ ।

ଏହା ସହିତ ଜୀବନର ପ୍ରାଥମିକତାଗୁଡ଼ିକ ନିଶ୍ଚିତ କରନ୍ତୁ ଏବଂ ନିତ୍ୟକ୍ରମ ଆଧାରରେ ସେଗୁଡ଼ିକୁ ହାସଲ କରିବାର ଯୋଜନା ପ୍ରସ୍ତୁତ କରନ୍ତୁ ତଥା ଦିନ ତମାମ ଏହା ଉପରେ ନିବଦ୍ଧ ରହିବା ପାଇଁ ପ୍ରୟାସ କରନ୍ତୁ ।

ଆଜିର ଉପଲବ୍ଧି କ'ଣ ମିଳିଲା ଏବଂ କେଉଁଠି ଭୁଲ ରହିଗଲା – ଏହାର ସମୀକ୍ଷା ରାତିରେ କରନ୍ତୁ ଏବଂ ପରବର୍ତ୍ତୀ ଦିନ ପାଇଁ ନୂତନ ଯୋଜନା ପ୍ରସ୍ତୁତ କରି ଦୁଇ ଗୁଣ ଉତ୍ସାହରେ ଲାଗିଯାଆନ୍ତୁ ।

ଏହି ପ୍ରକାରେ ଜୀବନ ସ୍ୱତଃ ଅନୁଶାସନର ପରିସ୍ୱରରେ ଆସିଯିବ । ଜୀବନଦୃଷ୍ଟିରେ ସ୍ପଷ୍ଟତା ପୂର୍ବକ ଜୀବନଶୈଳୀରେ ମଧ ଶୁଦ୍ଧତା ଆସିଯିବ । ଆହାର, ବିହାର, ବିଚାର ଓ ବ୍ୟବହାରର ପ୍ରତ୍ୟେକ କ୍ଷେତ୍ର ଶୁଦ୍ଧ ହେବାକୁ ଲାଗିବ । ଜୀବନ ନିର୍ଦ୍ଧାରିତ ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିବ ଏବଂ ଏହା ସହିତ ଆତ୍ମସମ୍ମାନର ଭାବ ପୁଷ୍ଟ ହେବ, ଆତ୍ମବିଶ୍ୱାସରେ ବୃଦ୍ଧି ହେବ ।

ସକାରାତ୍ମକ, ମାନସିକ ବିଚାରଣା ବିକଶିତ ହେବ ଏବଂ ଜୀବନରେ ନୂତନ ଆଶା-ଉତ୍ସାହର ସଂଚାର ହେବାକୁ ଲାଗିବ । ପ୍ରଥମେ ଯେଉଁ ସଫଳତା ଦିବାସ୍ୱପ୍ନ ଭଳି ଲାଗୁଥିଲା, ଏବେ ଜୀବନର ବାସ୍ତବତା ପ୍ରତୀତ ହେବାକୁ ଲାଗିବ । ଏବେ ଅନ୍ୟମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା, ଦ୍ୱେଷ ପରିବର୍ତ୍ତେ ସହକାର ଓ ସହଯୋଗର ଭାବ ବିକଶିତ ହେବ ଏବଂ ଜୀବନରେ ସମଗ୍ର ସଫଳତାର ସମ୍ଭାବନାଗୁଡ଼ିକ ସାକାର ହେବାର ଦେଖାଯିବ ।

ଏହା ସହିତ ଭାବନାତ୍ମକ ପରିପକ୍ୱତାର ବିକାଶ ହେବ । ପରସ୍ପର ସମାୟୋଜନ ଉତ୍ତମ ହେବ ତଥା ସମ୍ବାଦ କୌଶଳରେ ମଧ ସୁଧାର ଆସିବ । ପରସ୍ପର ସମ୍ବନ୍ଧ –ସଂପର୍କ ଉତ୍ତମ ଓ ପ୍ରଗାଢ଼ ହେବା ପ୍ରାରମ୍ଭ ହେବ । ସାରାଂଶରେ କହିଲେ ଜୀବନ ସଫଳତାର ନିତ୍ୟ ନବୀନ ସୋପାନଗୁଡ଼ିକ ଚଢ଼ୁଥିବାର ଦେଖାଯିବ ଏବଂ ଅନ୍ତଃକରଣ ସାର୍ଥକତାର ଭାବରେ ଓତପ୍ରୋତ ହେବ ।

ଅସଫଳତାକୁ ସଫଳତାରେ ରୂପାନ୍ତରିତ କରିବାର ଏହା ଏକ ନିଶ୍ଚିତ ରାଜମାର୍ଗ, ଯାହାକୁ ଅବଲମ୍ବନ କରି ଯେକୌଣସି ବ୍ୟକ୍ତି ମନପସନ୍ଦ ସଫଳତାର ଅଧିକାରୀ ହୋଇ ପାରିବ ।

# ସ୍ୱର୍ବେଦ

**ଓ୍ୱାର ପାର ସୂଝେ ନହୀଁ, ମାୟୁ ପାଟ ଅପାର ।**
**ଦଶୌଁ ଦିଶା ପରିପୂର୍ଣ୍ଣ ହେ, ସୋ ଅସ୍କମ୍ ହମାର ॥୪୬॥**


ଭାଷ୍ୟ - ଶବ୍ଦ ପରମ ପୁରୁଷ ଅନନ୍ତ, ଅସୀମ ଏବଂ ଦଶ ଦିଗରେ ପରିପୂର୍ଣ୍ଣ ଅଟନ୍ତି, ତାଙ୍କର କୌଣସି ଦୈର୍ଘ୍ୟ ପ୍ରସ୍ଥ ନାହିଁ । ମୋର ସେହି ପରମ ପ୍ରଭୁ ସର୍ବବ୍ୟାପକ ଅଟନ୍ତି ।

**ଜୋ ୟୋଗୀ ଇସ ପୁରୁଷ ମେଁ, କରତ ବ୍ରହ୍ମ କର ଜ୍ଞାନ ।**
**ତୀନ ପାଦ ଅମୃତ ଓ୍ୱହୀ, ଅନୁଭଓ୍ୱ ଗମ ଗତି ଜାନ ॥୪୭॥**

ଭାଷ୍ୟ - ଯେଉଁ ଯୋଗୀ ଏହି ପୁରୁଷଙ୍କଠାରୁ ବ୍ରହ୍ମର ଜ୍ଞାନ ପ୍ରାପ୍ତ କରି ନିଅନ୍ତି ସେ ତିନିପାଦ ଅମୃତ ପରମାନନ୍ଦର ଅନୁଭବ କରି ସାକ୍ଷାତ୍କାର, ଜ୍ଞାନ ପ୍ରାପ୍ତ କରିଥାନ୍ତି ।

**ଜ୍ଞାନ ପ୍ରଜାପତି ଜେହି ମିଲୈ, ପରମ ପୁରୁଷ ତେହି ଜ୍ଞାନ ।**
**ଜେହି ଅପରୋକ୍ଷ ଓ୍ୱିରାଟ ହୈ, ସୋ ଅସ୍କମ୍ହିଁ ଜାନ ॥୪୮॥**

ଭାଷ୍ୟ - ଯାହାକୁ ପ୍ରଜାପତି




ବ୍ରହ୍ମାଙ୍କର ଜ୍ଞାନ ପ୍ରାପ୍ତ ହୋଇଛି, ସିଏ ହିଁ ପରମ ପୁରୁଷଙ୍କର ଜ୍ଞାନ ଲାଭ କରିଛି ଏବଂ ଯାହାକୁ ପୁରୁଷଙ୍କର ବିରାଟ ସ୍ୱରୂପର ଜ୍ଞାନ ଅଛି ସେ ଜଗତର ଆଧାର ମହାନ୍ ସ୍କମ୍ଭଙ୍କୁ ସମ୍ପୂର୍ଣ୍ଣ ଭାବରେ ଜାଣନ୍ତି । ପରମ ପୁରୁଷ ପ୍ରଜାପତି ଆଉ ବିରାଟକୁ ଜାଣିଥିବା ବ୍ୟକ୍ତି ହିଁ ମହାନ୍ ସ୍କମ୍ଭଙ୍କ ସ୍ୱରୂପକୁ ଜାଣନ୍ତି ।

**ସୂର୍ଯ୍ୟ ଅଙ୍ଗିରସ ଚକ୍ଷୁ ହୈଁ, ଶିର ଓ୍ୱୈଶ୍ୱାନର ଜାହି ।**
**ସର୍ଓ୍ୱ ଲୋକ ଜେହି ଅଙ୍ଗ ହୈଁ, ଗତି ଅସ୍କମ୍ଭକ ମାହିଁ ॥୪୯॥**

ଭାଷ୍ୟ - ଯେଉଁ ସ୍କମ୍ଭଙ୍କର ତେଜୋମୟ ସୂର୍ଯ୍ୟ ଚକ୍ଷୁ ଅଟନ୍ତି ଏବଂ ବୈଶ୍ୱାନର ମସ୍ତକ ଅଟନ୍ତି ତଥା ସମସ୍ତ ଲୋକ ଯାହାର ଅଙ୍ଗ ଅଟନ୍ତି, ସେହି ସ୍କମ୍ଭ କେଉଁ ପଦାର୍ଥର ଅଟନ୍ତି ?

**ଉପଦେଶ ଅସ୍କମ୍ଭ କା, ସୋ ହୈ ଶବ୍ଦ ସ୍ୱରୂପ ।**
**ଭୀତର ବାହର ବ୍ୟାପ୍ତ ହୈ, ଅଦ୍‌ଭୁତ ରୂପ ଅନୂପ ॥୫୦॥**

ଭାଷ୍ୟ - ଭିତରେ ଏବଂ ବାହାରେ ବ୍ୟାପକ ଅଭୁତ ଶବ୍ଦସ୍ୱରୂପ ପରଂବ୍ରହ୍ମ ସ୍କମ୍ଭ ଅଟନ୍ତି । ଏହା ଉକ୍ତ ପ୍ରଶ୍ନର ଉତ୍ତର ସ୍ୱରୂପ ଉପଦେଶ ଅଟେ ।

**ଜିହ୍ୱା ଜାକୀ ମଧୁକଶା, ଅକ୍ଷର ମୁଖ ହୈ ଜାହି ।**
**ଥାନ ସୋ ଅଧହ ଓ୍ୱିରାଜ ହୈ, ସହସ ଧାର ଓ୍ୱହ ତାହି ॥୫୧॥**

ଭାଷ୍ୟ - ଜିହ୍ୱା ଯାହାର ମହୁ ସମାନ ମିଷ୍ଟ ଏବଂ ଯାହାର ମୁଖ ବ୍ରହ୍ମ ଅଟେ ତଥା ବିରାଜ ଯାହାର ଅଧଃସ୍ଥାନ ଅଟେ ଏବଂ ସର୍ବୋପରି ଯାହାର ସହସ୍ର ଧାରା ଅନବରତ ପ୍ରବାହିତ ସେଭଳି ସ୍କମ୍ଭ ତେବେ କେଉଁ ଦେବତା ଅଟନ୍ତି ?

**ସବ ତେଜୌଁ କା ତେଜ ହୈ, ସବ ଦେଓ୍ୱୌଁ କା ଦେଓ୍ୱ ।**
**ସୁଖ ନିଧି ତତ୍ତ୍ୱ ଭଣ୍ଡାର ହୈ, ଜନ ଅସ୍କମ୍ହିଁ ସେଓ୍ୱ ॥୫୨॥**

ଭାଷ୍ୟ - ସେହି ସ୍କମ୍ଭ ସମସ୍ତ ତେଜରୁ ତେଜୀୟାନ୍ ଏବଂ ସମସ୍ତ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ ଦେବ, ଆନନ୍ଦସାଗର, ସର୍ବ ଜ୍ଞାନର ଭଣ୍ଡାର ଅଟନ୍ତି । ବିବେକୀ ସନ୍ଥ ତାଙ୍କୁ ଭକ୍ତି କରନ୍ତି ।

**ୟଜୁର୍ଓ୍ୱେଦ ଜାସେ ପ୍ରକଟ, ସାମଓ୍ୱେଦ ଜେହି ଲୋମ ।**
**ମୁଖ ଅଙ୍ଗିରସ ଅଥର୍ଓ୍ୱ ହୈ, ଜାସେ ଅକ୍ଷର ଓମ ॥୫୩॥**

ଭାଷ୍ୟ - ଯେଉଁ ସ୍କମ୍ଭରୁ ଯଜୁର୍ବେଦ ପ୍ରକଟ ହେଲା ଓ ସାମବେଦ ଯାହାର ଲୋମ ଅଟେ ଏବଂ ଅଥର୍ବବେଦ ଯାହାର ମୁଖ ଅଟେ, ଯେଉଁଠାରୁ ଅକ୍ଷର ପ୍ରକଟ ହୋଇଥାଏ, ସେହି ପରମଦେବ କିଏ ଅଟନ୍ତି ?

# ବାସନା ଦ୍ୱାରା ନୁହେଁ, ସାଧନା ଦ୍ୱାରା ସନ୍ତୋଷ ମିଳିଥାଏ

ମହାଭାରତରେ ରାଜା ଯଯାତିଙ୍କ କଥାର ବର୍ଣ୍ଣନ ହୋଇଛି । କଥା ଅନୁସାର ରାଜା ଯଯାତି ଭୋଗ-ବିଳାସରେ ଆକଣ୍ଠ ବୁଡ଼ି ରହୁଥିଲେ । ବାସନା ପୂର୍ତ୍ତି କରି ସେ ନିଜକୁ ତୃପ୍ତ ଓ ସୁଖୀ କରିବାକୁ ଚାହୁଁଥିଲେ, କିନ୍ତୁ ଭୋଗଗୁଡ଼ିକୁ ଭୋଗିବା ସତ୍ତ୍ୱେ ବାସନାର ଇଚ୍ଛା ଯଥାବତ୍ ରହୁଥିଲା ଏବଂ ତାଙ୍କୁ ପୂର୍ଣ୍ଣ ତୃପ୍ତି ଓ ସୁଖ ମିଳିପାରୁ ନ ଥିଲା ।

ବାସନାରେ ବୁଡ଼ି ରହିବା ଯୋଗୁଁ ତାଙ୍କ ଶରୀର ଓ ମନର ଶକ୍ତି ଧୀରେ ଧୀରେ କ୍ଷୀଣ ହେବାରେ ଲାଗିଥିଲା, କିନ୍ତୁ ମନର ବାସନା ଯଥାବତ୍ ରହିଥିଲା । ତାଙ୍କର ୧୦୦ ପୁତ୍ର ଥିଲେ ଏବଂ ଅନେକ ପତ୍ନୀ ମଧ ଥିଲେ, କିନ୍ତୁ ତାଙ୍କର ବାସନା କେବେ ତୃପ୍ତ ହୋଇପାରୁ ନ ଥିଲା । ବାସନାରେ ବୁଡ଼ି ରହି ମଧ ତାଙ୍କର ମନ ତୃପ୍ତ ହେଉ ନ ଥିଲା । ତାଙ୍କର ମନ ରାଜନୀତିରେ କି ଧର୍ମ କର୍ମରେ ଲାଗୁ ନ ଥିଲା ।

ମନର ଦାସତ୍ୱରେ ସେ ଏତେ ବାନ୍ଧି ହୋଇ ଯାଇଥିଲେ ଯେ ଜୀବନର ପ୍ରୟୋଜନ କ'ଣ ? ଏ ବିଷୟରେ କେବେ ଚିନ୍ତା କରିବାର ଅବସର ତାଙ୍କୁ ମିଳୁ ନ ଥିଲା । ବାସନାକୁ ତୃପ୍ତ କରି ସ୍ୱୟଂକୁ ତୃପ୍ତ ଓ ସୁଖୀ କରାଇବାର ମିଥ୍ୟା ପ୍ରଲୋଭନରେ ସେ ଚନ୍ଦନ ବୃକ୍ଷ ଭଳି ଅମୂଲ୍ୟ ତଥା ସୁବାସ ବିତରଣ କରୁଥିବା ଜୀବନକୁ ଅଙ୍ଗାର କରିଦେଇ, ବାସନାର ଅଗ୍ନିରେ ତାହାକୁ ଜଳାଇ ପାଉଁଶ କରି ଦେଉଥିଲେ ଏବଂ ଯେତେବେଳେ ମୃତ୍ୟୁ ଆସି ଉପସ୍ଥିତ ହେଲା, ସେତେବେଳେ ତାଙ୍କର ହୋସ ଆସିଲା ।

ତାଙ୍କୁ ଯମଦେବଙ୍କ ଆଦେଶ ଶୁଣାଗଲା- ଯଯାତି ! ତୁମର ଆୟୁ ପୂର୍ଣ୍ଣ ହୋଇଗଲା । ଏବେ ତୁମେ କର୍ମଗୁଡ଼ିକର ଗଣ୍ଠିଲି ବାନ୍ଧ ଏବଂ ଯମଲୋକ ଯିବା ପାଇଁ ପ୍ରସ୍ତୁତି କର ।' 'ପରନ୍ତୁ ଏତେ ଜଲଦି କିପରି ପ୍ରଭୁ ! ଏବେ ତ ମୋର ସବୁ ଇଚ୍ଛା ଅପୂର୍ଣ୍ଣ ଅଛି । ଏବେ ତ ମୁଁ ଏତେ କିଛି ଭୋଗିପାରି ନାହିଁ ।'' ଯଯାତି ମିନତି କଲେ ।

ଭିତରର ବାସନା ଯାଚନା ରୂପେ ମୁଖର ହେଲା- ଦେବ । ମୋତେ ଜୀବନ ଦାନ ଦେବାର କୃପା କରନ୍ତୁ । ଏପରି ସମ୍ଭବ ନୁହେଁ । ପ୍ରତ୍ୟେକ ବ୍ୟକ୍ତିକୁ ନିଶ୍ଚିତ ଆୟୁ ଭୋଗିବା ପରେ ଏଠାରୁ ବିଦା ନେବାକୁ ପଡ଼ିଥାଏ । ଏହା ତ ସୃଷ୍ଟିର ଶାଶ୍ୱତ ନିୟମ । - ଯମ ଦେବ କହିଲେ । 'ପରନ୍ତୁ ଆପଣ ତ ସମର୍ଥ ଦେବ । ଆପଣ କିଛି ଉପାୟ କରନ୍ତୁ ।''- ଯଯାତିଙ୍କ ଦୀନତା ଭରା ସ୍ୱର ପୁନଃ ଗୁଞ୍ଜି ଉଠିଲା ।

ସେତେବେଳେ ଯମ ଦେବତା ପରୀକ୍ଷା ନେବା ହେତୁ ଯଯାତିଙ୍କ ସମକ୍ଷରେ ଏକ ପ୍ରସ୍ତାବ ରଖିଲେ - 'ହେ ରାଜନ ! ତୁମର ଶହେ ପୁତ୍ର ଅଛନ୍ତି । ସେମାନଙ୍କ ମଧରୁ ଯଦି କେହି ନିଜର ଆୟୁ-ନିଜର ଯୌବନ ତୁମକୁ ଦେବା ପାଇଁ ସମ୍ମତ ହୋଇଯିବ, ତେବେ ତୁମେ ନିଜ ପୁତ୍ର ଦ୍ୱାରା ଦିଆଯାଇଥିବା ଆୟୁକୁ ନେଇ ଆଉ କିଛି ବର୍ଷ ପର୍ଯ୍ୟନ୍ତ ବଞ୍ଚି ପାରିବ ଏବଂ ମୁଁ ଏବେ ଯମଲୋକ ଉଆପସ ଚାଲିଯାଉଛି । କାମଗ୍ରସ୍ତ ଯଯାତି ବିବେକ -ଶୂନ୍ୟ ହୋଇ ସାରିଥିଲେ, ଏଣୁ ସେ ଯମଦେବଙ୍କ ପ୍ରସ୍ତାବକୁ ସ୍ୱୀକାର କରିନେଲେ ଏବଂ ସେ ସମସ୍ତ ପୁତ୍ରଙ୍କୁ ସମ୍ମୁଖକୁ ଡାକିଲେ, ନିର୍ଲଜ୍ଜ ହୋଇ ଯୌବନର ଭିକ ମାଗିଲେ । ବୃଦ୍ଧାବସ୍ଥାରେ ବି ନିଜ ପିତାଙ୍କର ଏପରି ମନଃସ୍ଥିତିକୁ ଦେଖି ପୁତ୍ରମାନଙ୍କୁ ବହୁତ ଆଶ୍ଚର୍ଯ୍ୟ ଲାଗିଲା ଏବଂ ଆକ୍ରୋଶ ବି ଲାଗିଲା । ଅନ୍ୟ ସବୁ ପୁତ୍ର ତ ନିଜର ଆୟୁ ଓ ଯୌବନ ଦେବା ପାଇଁ ମନା କରିଦେଲେ, କିନ୍ତୁ ସବା ସାନ ପୁତ୍ର ଅଧିକ ବିଚାରଶୀଳ ଓ ପିତୃଭକ୍ତ ଥିଲା । ନିଜ ପିତାଙ୍କ ସ୍ଥିତି ଉପରେ ତା'ର ଗ୍ଲାନି ହେଲା ଏବଂ ଦୟା ମଧ ଆସିଲା । ସେ ନିଜର ଆୟୁ ରାଜାଙ୍କୁ ଦେବା ପାଇଁ ପ୍ରସ୍ତୁତ ହୋଇଗଲା । ସେହି ଛୋଟ କିଶୋରର ଅଦ୍‌ଭୁତ ତ୍ୟାଗକୁ ଦେଖି ଯମଦେବଙ୍କୁ ଭାରୀ ଆଶ୍ଚର୍ଯ୍ୟ ଲାଗିଲା ଏବଂ ସେ ତାକୁ ଅସମୟରେ ନିଜର ସର୍ବସ୍ୱ ଅର୍ପଣ କରି ମୃତ୍ୟୁକୁ ଆଲିଙ୍ଗନ କରିବାର କାରଣ ପଚାରିଲେ ।

କିଶୋର ପୁତ୍ର କହିଲା- 'ଏହା ତ ମୋ ପାଇଁ ସୌଭାଗ୍ୟର କଥା । ସାଂସାରିକ ଭୋଗଗୁଡ଼ିକର ଆସକ୍ତି କେତେ ସାଂଘାତିକ ହୋଇଥାଏ, ପିତାଶ୍ରୀଙ୍କ ସ୍ଥିତିକୁ ଦେଖି ଏହାର ପରିଚୟ ମୁଁ ପାଇ ସାରିଛି । ଯେବେ ୧୦୦ ବର୍ଷ ପର୍ଯ୍ୟନ୍ତ ବିଷୟଗୁଡ଼ିକର ଭୋଗ ପରେ ବି ରାଜାଙ୍କୁ ତୃପ୍ତି ମିଳି ପାରିଲା ନାହିଁ, ତ ମୁଁ କାହିଁକି ବ୍ୟର୍ଥରେ ନିଜର ଜୀବନ ହରାଇବି ?'' ଯମଦେବ ସେହି ବାଳକର ବୈରାଗ୍ୟରେ ପ୍ରସନ୍ନ ହୋଇ ତାକୁ ଜୀବନମୁକ୍ତିର ଆଶୀର୍ବାଦ ଦେଲେ ।

୧୦୦ ବର୍ଷ ପରେ ପୁଣି ଯମଦେବ ରାଜା ଯଯାତିଙ୍କ ପାଖରେ ପହଞ୍ଚିଲେ । ସେତେବେଳକୁ ଯଯାତିଙ୍କର ଆହୁରି ୧୦୦ ପୁତ୍ର ଜନ୍ମ ହୋଇ ସାରିଥିଲେ । ଯଯାତି ପୁନଃ ଜୀବନ ଦାନ ପାଇଁ ପ୍ରଥମ ଥର ଭଳି ଯମଦେବଙ୍କ ନିକଟରେ ମିନତି କଲେ । ଜନ୍ମ ହୋଇଥିବା ପିଲାମାନଙ୍କ ମଧରୁ ଜଣେ ପୁନଃ ନିଜ ତ୍ୟାଗର ପ୍ରମାଣ ଦେଇ ନିଜର ଆୟୁ ଯଯାତିଙ୍କୁ ଭୋଗିବା ପାଇଁ ଦେଇଦେଲା ।

ପୌରାଣିକ କଥା ଅନୁସାର ଏହି ପ୍ରକାର ଦଶ ଥର ଯଯାତିଙ୍କୁ ନିଜର ପୁତ୍ରମାନଙ୍କ ଠାରୁ ଜୀବନ ଦାନ ମିଳିଲା ତଥା ସେ ହଜାର ବର୍ଷ ପର୍ଯ୍ୟନ୍ତ ଜୀବିତ ରହିଲେ, ବିଳାସରେ ବୁଡ଼ି ରହିଲେ, ନିମଗ୍ନ ରହିଲେ । ଅନ୍ତିମ ଥର ମୃତ୍ୟୁ ଦେବତା (ଯମଦେବ) ଉପସ୍ଥିତ ହେବାରୁ ଯଯାତି ପଶ୍ଚାତ୍ତାପ ବ୍ୟକ୍ତ କରି କହିଲେ- 'ଦେବ ! ମୋର ଜୀବନ ବ୍ୟର୍ଥରେ ଚାଲିଗଲା । ପାପଗୁଡ଼ିକର ଗଣ୍ଠରି ମୁଣ୍ଡ ଉପରେ ଲଦି ମୁଁ ଏହା ଅନୁଭବ କରି ଯାଉଛି ଯେ ଭୋଗଗୁଡ଼ିକ ଦ୍ୱାରା ବାସନାଗୁଡ଼ିକର ତୃପ୍ତି କେବେହେଲେ ହୋଇ ପାରିବ ନାହିଁ । ତାଙ୍କୁ ଶେଷରେ ନରକର ଆତପରେ ବିକ୍ଷୁବ୍ଧ ହୋଇ ନିଜର ନିର୍ଦ୍ଧାରିତ ଅବଧି ପୂରା କରିବାକୁ ହିଁ ପଡ଼ିଲା ।

ପ୍ରକୃତରେ ବାସନାକୁ ବାସନା ଦ୍ୱାରା ତୃପ୍ତ କି ସମାପ୍ତ କରାଯାଇ ପାରିବ ନାହିଁ । ଅଗ୍ନିରେ ଘିଅ ଢାଳିଲେ ଅଗ୍ନି ଲିଭେ ନାହିଁ, ବରଂ ଆହୁରି ଅଧିକ ପ୍ରଜ୍ୱଳିତ ହୋଇଥାଏ । ଅଗ୍ନି ଘିଅ ଦ୍ୱାରା ନୁହେଁ, ପ୍ରବଳ ଜଳଧାର ଦ୍ୱାରା ହିଁ ଲିଭି ପାରେ ।

ବାସନାର ଅଗ୍ନି ସାଧନା ଦ୍ୱାରା ଲିଭିବ ଏବଂ ଲୋପ ହେବ । ନିରନ୍ତର ଆତ୍ମାରେ ପରମାତ୍ମାଙ୍କ ଧ୍ୟାନ କରିବା ଦ୍ୱାରା ହିଁ ମନର ବାସନା ଲୋପ ହୋଇଥାଏ ଏବଂ ଆତ୍ମାରୁ ସତ୍-ଚିତ୍-ଆନନ୍ଦ ସ୍ୱରୂପ ପରମାତ୍ମାଙ୍କ ପରମାନନ୍ଦ, ବ୍ରହ୍ମାନନ୍ଦ ନିଃସୃତ ହୋଇଥାଏ ଏବଂ ଜୀବକୁ ପୂର୍ଣ୍ଣ ତୃପ୍ତି, ସନ୍ତୁଷ୍ଟି, ଶାନ୍ତି ଓ ସୁଖର ଅନୁଭୂତି ହୋଇଥାଏ । ଆମେ ବାସନା ପରିବର୍ତ୍ତେ ସାଧନାରେ ନିମଗ୍ନ ହୋଇ ଶାଶ୍ୱତ ସୁଖ ଓ ଶାନ୍ତିକୁ ପ୍ରାପ୍ତ କରିବା ଉଚିତ ଏବଂ ନିଜ ଜୀବନକୁ ସଫଳ କରିବା ଦରକାର । ଏଥିରେ ବୁଦ୍ଧିମତ୍ତା ନିହିତ ।

# ଦୃଷ୍ଟିଶକ୍ତି ବଢ଼ାଏ ଗାଜର

ଆମେ ଖାଉଥିବା ବିଭିନ୍ନ ପନିପରିବାରେ ଅନେକ ଉପକାରୀ ଗୁଣ ଭରି ରହିଛି । ବିଶେଷଭାବରେ ସବୁଜ ପନିପରିବାରେ ଭିଟାମିନ୍ ପ୍ରଚୁର ପରିମାଣରେ ଅଛି । ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ । ଏଥିରେ ଭିଟାମିନ୍ସ, ଫାଇବର୍ ଓ ଆଣ୍ଟି ଅକ୍ସିଡାଣ୍ଟ ଉପାଦାନ ଭରିହୋଇ ରହିଛି । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଅସ୍ଥି ଓ ମଜ୍ଜାକୁ ଶକ୍ତ କରିଥାଏ । ଗାଜରରେ ଆଉ ଏକ ଉପକାରୀ ଗୁଣ ରହିଛି । ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ । ଏଥିରେ ଥିବା କାରୋଟିନ୍ ନାମକ ଏକ ଉପାଦାନ ଥିବାରୁ ଦୃଷ୍ଟିଶକ୍ତି ପାଇଁ ବେଶ୍ ଉପଯୋଗୀ । ଏହା ସୂର୍ଯ୍ୟ କିରଣ ଠାରୁ ଆଖିକୁ ରକ୍ଷା କରିଥାଏ । ଅନ୍ୟପକ୍ଷରେ ଏଥିରେ ଭିଟାମିନ୍ ସି' ଭରି ରହିଛି । ନିୟମିତ ଗାଜର ଖାଇଲେ ସେଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଡାଇବେଟିସ ଏପରିକି କ୍ୟାନ୍‌ସର ଆଶଙ୍କା କେତେକାଂଶରେ ଦୂର କରିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣି ପାରିଛନ୍ତି । ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳନ ରଖିବା ଏହା ସାହାଯ୍ୟ କରିବା ସହ ଉଚ୍ଚ ରକ୍ତଚାପକୁ ସନ୍ତୁଳିତ ରଖେ । ଗାଜର ମଧ ହାର୍ଟ ପାଇଁ ଉପକାରୀ । ଏହା ମଧ ଶରୀରର ଓଜନକୁ ସନ୍ତୁଳିତ ରଖେ । କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ । ଏହାଦ୍ୱାରା ଦାନ୍ତମୂଳ ଜନିତ ସମସ୍ୟା କେତେକାଂଶରେ ଦୂର ହୋଇଥାଏ । କେଶମୂଳକୁ ମଧ ଏହା ଦୃଢ଼ ରଖିବାରେ ସାହାଯ୍ୟ କରେ ।

## ଟିକିଏ ହସନ୍ତୁ

ଡାକ୍ତର ଦୁର୍ଘଟଣାଗ୍ରସ୍ତ ହୋଇ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କୁ ଆପଣ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହେଇଗଲେଣି । ଆଉ ଭୟ କରିବାର କିଛି ନାହିଁ । ତଥାପି କାହିଁକି ଏତେ ଡରୁଛନ୍ତି ?
ବ୍ୟକ୍ତି : ଡରିବିନି କେମିତି ? ସେ ଟ୍ରକରେ ଲେଖା ହେଇଥିଲା 'ଜୀବନ ରହିଲେ ପୁଣି ଭେଟ ହେବ' ।

× × × ×

ମିନି ଫେଲ ହେଇଯିବାରୁ ମା' ରାଗିକି : ଦେଖ ମିନି ମୁଁ ତତେ କହିଥିଲି ନା ଏଥର ଯଦି ପାସ୍ ନ ହେବୁ ତତେ ମୁଁ ଗୋଟେ ଭିକାରୀ ସହ ବାହା କରେଇ ଦେବି । ଏତିକିବେଳେ ଭିକ ମାଗିବାକୁ ଆସିଥିବା ଭିକାରୀଟି ଏସବୁ ଶୁଣି ଜୋର୍‌ରେ ପାଟି କରି : ମା' ମୁଁ ବାହା ହେବା ପାଇଁ ରହିବି ନା ପଳେଇବି ।



× × × ×

ଭିକାରୀ ଏକ ଲଟେରୀ ଟିକେଟ କିଣି ପୁଅକୁ :
ଆମେ ଯଦି ୭୦ ଲକ୍ଷର ଏକ ଲଟେରୀ ଜିତିଯିବା ତେବେ ପ୍ରଥମେ ଏକ ଘର କିଣିବା । ତା'ପରେ ସମସ୍ତଙ୍କ ପାଇଁ ନୂଆ ଡ୍ରେସ୍ କିଣିବା ।
ଭିକାରୀର ପୁଅ : ବାପା ଖାଲି ସେତିକି ନୁହଁ, ଆମେ ଗୋଟେ ଗାଡ଼ି କିଣିବା । ଆଉ ସେଥିରେ ଭିକ ମାଗିବାକୁ ଯିବା । ଚାଲି ଚାଲି ଗଲାବେଳକୁ ଗୋଡ କାଟୁଛି ।

× × × ×

ଏକ ଦୁର୍ଘଟଣା କେସ୍‌ରେ ଗାଡି ମାଲିକଙ୍କୁ
ଜଜ୍ : ତମେ କହୁଛ ତମେ ଗାଡ଼ି ବହୁତ ଧୀରେ ଚଳାଉଥିଲ । ହେଲେ ଏହାର ପ୍ରମାଣ କ'ଣ ତୁମ ପାଖରେ ଅଛି ?
ବ୍ୟକ୍ତି : ଆଜ୍ଞା ମୁଁ ମୋ ଝଗଡ଼ାପ୍ରିୟ ସ୍ତ୍ରୀକୁ ତା' ବାପଘରୁ ଆଣିବାକୁ ଯାଉଥିଲି ।
ଜଜ୍ : ଏହି ବ୍ୟକ୍ତି ଜଣକ ନିର୍ଦ୍ଦୋଷ ।

× × × ×

ନିଶା : ଜାଣିଛୁ, ମୋର ପ୍ରତିଟି ନିଶ୍ୱାସ ଉପରେ ପୁଅମାନେ ମରନ୍ତି ।
ମୋନା : ଗୋଟେ କାମ କରେ, ଡେଣ୍ଟିଷ୍ଟକୁ ଦେଖାଇ ଭଲ ଟୁଥପେଷ୍ଟ ବ୍ୟବହାର କରେ । ଆଉ ଏମିତି ଦୁର୍ଗନ୍ଧ ହେବନି କି କେହି ମରିବେନି ।

× × × ×

ପପୁ : ଆରେ କହିଲୁ, ସାଙ୍ଗ ଦର୍ଦନାକର ଅର୍ଥ କ'ଣ ?
ଗପୁ; ଆରେ ସାଙ୍ଗ ଏତିକି ଜାଣିନୁ -ଦର ଅର୍ଥ ଯନ୍ତ୍ରଣା ଅର୍ଥାତ୍ ନାକର ଯନ୍ତ୍ରଣା ।

× × × ×

ଦିବ୍ୟା : ଆରେ, ବିଦ୍ୟା କହିଲୁ ରାତିରେ କାହିଁକି ସୂର୍ଯ୍ୟ ଦେଖା ଯାଆନ୍ତିନି ।
ବିଦ୍ୟା : କାହିଁକି ନା ଦିନସାରା ସୂର୍ଯ୍ୟ ବୁଲି ବୁଲି ଥକି ଯାଇଥାଆନ୍ତି । ସେଥିପାଇଁ ରାତିରେ ବିଶ୍ରାମ ନିଅନ୍ତି ।

× × × ×

ଦୁଇଜଣ ସାଙ୍ଗ ମଧରେ କଥାବାର୍ତ୍ତା
ପ୍ରଥମସାଙ୍ଗ : ଜାଣିଲୁ ସାଙ୍ଗ, ଯଦି ପୃଥିବୀର ମାତା -ପିତା ଥାନ୍ତେ କ'ଣ ହୋଇଥାନ୍ତା ?
ଦ୍ୱିତୀୟସାଙ୍ଗ : ପୃଥିବୀ ଗାଳି ଶୁଣିଥାନ୍ତା ।
ପ୍ରଥମସାଙ୍ଗ : କାହିଁକି ?
ଦ୍ୱିତୀୟସାଙ୍ଗ : କାରଣ ସେ ଖାଲି ଦିନରାତି ଘୁରିବୁଲୁଛି ।

## କଇଥର ଉପକାରିତା

କଇଥକୁ ସଂସ୍କୃତରେ କପିତ୍ଥ ଏବଂ ଇଂରାଜୀରେ ଉଡ୍ ଆପଲ ବୋଲି କହନ୍ତି । ପାଚିଲା କଇଥ ଚଟଣିର ବାସ୍ନାରେ ହିଁ ଖାଦ୍ୟ ଶେଷ ହୋଇଯାଏ । ଏହା ଏକଦମ୍ ସାଧାରଣ ଫଳଟିଏ ହୋଇଥିଲେ ବି କଞ୍ଚା କଇଥ ବାୟୁ ଏବଂ ପିତ୍ତ ଦୋଷ ନଷ୍ଟ କରିବା ସହ କ୍ଷୁଧା ବଢ଼ାଏ ତଥା ପାଚିଲା କଇଥ ସ୍ୱଭାବରେ ଶୀତଳ ହୋଇଥିବା ବେଳେ ଶ୍ୱାସରୋଗ, ଟିବି, ରକ୍ତଦୋଷ, ବାୟୁ ତଥା ପେଟରୋଗରେ ମୁକ୍ତି ଦିଏ । ଏହା ଶରୀରରୁ ବିଷାକ୍ତ ତତ୍ତ୍ୱ ନାଶ କରିବା ସହ କୃମି ନଷ୍ଟ କରେ । ବାରମ୍ବାର ହେକୁଟି ଆସିବା କାଶ ତଥା ଗଳାର ବିଭିନ୍ନ ରୋଗରୁ ଆରୋଗ୍ୟ କରାଏ । ଏହା ମଧ ଭୋକ ବଢ଼ାଇଥାଏ । କଇଥ ମଞ୍ଜି ହୃଦରୋଗ ତଥା ମୁଣ୍ଡବ୍ୟଥାରେ ଲାଭଦାୟକ ହୋଇଥିଲା ବେଳେ ସାପ ଏବଂ ବିଛା ବିଷ ନାଶ କରିବାର କ୍ଷମତା ରହିଛି । ସେହିପରି ମଞ୍ଜିର ତେଲ ପିତ୍ତ, କଫ, ହେକୁଟି, ବାନ୍ତି ଆଦି ସମସ୍ୟାର ସମାଧାନ କିରବା ସହ ମୂଷା ବିଷକୁ



ପ୍ରଭାବହୀନ କରିପାରେ । କଇଥର ଫୁଲ ମଧ ବିଷନାଶକାରୀ ଗୁଣଯୁକ୍ତ ହୋଇଥିବା ବେଳେ ବାନ୍ତି, ଡାଇରିଆ, ହେକୁଟି ଆଦି ରୋଗରେ କଇଥ ପତ୍ର ଲାଭଦାୟକ ।

କଇଥ ଶସକୁ ଚିନି ସହ ମିଶାଇ ଖାଇଲେ ପିତ୍ତଦୋଷ ଶାନ୍ତ ହୁଏ ।

ଯଦି ମୂଷା କାମୁଡିଦିଏ ତେବେ କଇଥ ମଞ୍ଜିର ତେଲ ସେଠାରେ ଲଗାଇଲେ ବିଷ ଉତୁରି ଯାଏ ।

କଇଥ ଶସ, ଶୁଣ୍ଠି, ଗୋଲମରିଚ, ପିପ୍ପଳି ଗୁଣ୍ଡ, ମହୁ ଏବଂ ଚିନି ମିଶାଇ ପ୍ରତିଦିନ ସେବନ କଲେ ଭୋକ ହୁଏ ।

କଇଥ ମଞ୍ଜି ୩ ଗ୍ରାମ୍ ଭାଜିକରି ଡାଇରିଆ ରୋଗୀଙ୍କୁ ଦେଲେ ସୁସ୍ଥ ଅନୁଭବ କରନ୍ତି ।

କାନରେ ସମସ୍ୟା ଥିଲେ କଇଥ ଫଳର ରସ ୩ ରୁ ୪ ଟୋପା ଉଷୁମ କରି ଦିନକୁ ୨ ଥର କାନରେ ପକାଇଲେ ଆରାମ ମିଳେ ।

ଅର୍ଜୁନ ପତ୍ର ଏବଂ କଇଥ ପତ୍ରର ରସ ହାଲକା ଉଷୁମ କରି ୫-୫ ଗ୍ରାମ କାନରେ ପକାଇଲେ ବି କାନ ଯନ୍ତ୍ରଣା ଠିକ୍ ହୋଇଥାଏ ।

ହେକୁଟି ଏବଂ ଶ୍ୱାସଜନିତ ସମସ୍ୟାରେ କଇଥ ରସକୁ ମହୁ ଓ ପିପଳି ସହିତ ସେବନ କଲେ ରୋଗ ଠିକ୍ ହୋଇଯାଏ । ଆମାତିସାର ରୋଗୀ କଇଥ ଖାଇବା ଉଚିତ । କଇଥର ଶସ ଓ ମଞ୍ଜି ମଧୁମେହ ରୋଗୀଙ୍କ ପାଇଁ ଖୁବ୍ ଉପକାରୀ । କଇଥ ମଞ୍ଜିର ଗିରି ୩୦୦ ଗ୍ରାମକୁ ଚୂର୍ଣ୍ଣ କରିବା ପରେ ୫-୫ ଗ୍ରାମ ଲେଖା ସକାଳେ, ସନ୍ଧ୍ୟାରେ ପାଣି ସହିତ ୩୦ ଦିନ ସେବନ କରନ୍ତୁ । ଏହା ମଧୁମେହରେ ଉପକାର ଦେଇଥାଏ । ସେହିପରିକଇଥ ଶସକୁ ଛାଇରେ ଶୁଖାଇ ଗୁଣ୍ଡ କରିଦେବେ ଏବଂ ୩ ରୁ ୫ ଗ୍ରାମ ସକାଳ ସନ୍ଧ୍ୟାରେ ସେବନ କରିବେ । ଏହା ମଧ ମଧୁମେହକୁ ନିୟନ୍ତ୍ରଣରେ ରଖେ । ରକ୍ତପିତ୍ତ ରୋଗରେ କଇଥର ଶସ ମଧ ଆରାମ ଦେଇଥାଏ । ପାଚିଲା କଇଥର ଶସ ସମସ୍ତ ପ୍ରକାର ଗଳାରୋଗରେ ଲାଭଦାୟକ ।

## ଟାଇଫଏଡ୍‌ର ଘରୋଇ ଉପଚାର

ଟାଇଫଏଡ ଏକ ବିପଦଜନକ ଜ୍ୱର । ଏଥିରେ ଜ୍ୱରର ତାପମାନ ବହୁତ ଅଧିକ ଥାଏ ଯାହା ୧୫, ୨୧ ବା ୨୭ ଦିନ ପର୍ଯ୍ୟନ୍ତ ରହିପାରେ । ଏପରି ସ୍ଥିତିରେ କିଛି ବିଶେଷ କଥା ଉପରେ ଧାନ ରଖିଲେ ନା କେବଳ ଏଥିରୁ ରକ୍ଷା ପାଇ ପାରିବେ, ଏହାର ପ୍ରଭାବକୁ ମଧ କମେଇ ପାରିବେ । ଅପରିଷ୍କାର ସ୍ଥାନରେ ଟାଇଫଏଡର ପ୍ରାଦୁର୍ଭାବ ଅଧିକ ଦେଖାଯାଏ ।



ଟାଇଫଏଡର ବ୍ୟାକ୍ଟେରିଆ ଆମର ଛୋଟ ଆନ୍ତରେ ଦେଖିବାକୁ ମିଳିଥାଏ ଓ ଝାଡା ଦ୍ୱାରା ବାହାରକୁ ଆସିଥାନ୍ତି । ମାଛି ଦ୍ୱାରା ଏହାର ସଂକ୍ରମଣ ହୋଇଥାଏ । ମାଛିମାନେ ଖାଦ୍ୟ ଓ ପାଣିକୁ ଦୂଷିତ କରିଦିଅନ୍ତି । ଏହି ଖାଦ୍ୟ ଓ ପାଣି ଯଦି କୌଣସି ସୁସ୍ଥ ବ୍ୟକ୍ତି ଉପଯୋଗ କରେ ତେବେ ସେ ଏହା ଦ୍ୱାରା ଆକ୍ରାନ୍ତ ହୋଇଯାଏ । ଦୂଷିତ ରକ୍ତ ଦେବା, ଟାଇଫଏଡ୍ ରୋଗୀର ତଉଲିଆ ବ୍ୟବହାର କରିବା ଓ ତାର ଛଡ଼ା ଯାଇଥିବା ଖାଦ୍ୟକୁ ଖାଇବା ଦ୍ୱାରା ଟାଇଫଏଡର ସଂକ୍ରମଣ ଅଧିକ ହେବାର ସମ୍ଭାବନା ଥାଏ । ଟାଇଫଏଡରୁ ରକ୍ଷା ପାଇବା ପାଇଁ କିଛି ଘରୋଇ ଉପାୟ ଅନୁସରଣ କରିପାରିବେ ।

ତୁଳସୀ ଓ ଗୋଲମରିଚକୁ ଏକ ସମୟରେ ଖାଇଲେ ଉପଶମ ମିଳିଥାଏ । ଏହି ଜ୍ୱର ପାଇଁ ଗାଜର ରସ ମଧ ଉପାଦେୟ । ପ୍ରତ୍ୟେକ ଦିନ ଅଦା ଓ ସେଓର ଜୁସ୍ ପିଇବା ଦ୍ୱାରା ଏହାର ସଂକ୍ରମଣ କମ୍ ହୋଇଥାଏ । ଏକ କପ୍ ଗରମ ପାଣିରେ ୨-୩ ଚାମଚ ମହୁ ମିଶାଇ ପିଅନ୍ତୁ । ମହୁ ଦ୍ୱାରା ଟାଇଫଏଡର ବ୍ୟାକ୍ଟେରିଆ ମରିଥାନ୍ତି । ପୋଦିନା ପତ୍ର ଓ ଅଦାର ଜୁସ୍ ପିଇବା ଦ୍ୱାରା ଜ୍ୱର କମିଥାଏ । ପାଣିରେ ଲବଙ୍ଗକୁ ଫୁଟାଇ ସେହି ପାଣିକୁ ପ୍ରତ୍ୟେକ ଦିନ ପିଅନ୍ତୁ । ଏହା ଦ୍ୱାରା ସଂକ୍ରମଣ କମିଥାଏ । ଗାଈ କ୍ଷୀର ପିଇବା ମଧ ଉପକାରୀ ।

## ଧନିଆ ପତ୍ରର ଉପାଦେୟତା

ବ୍ରଣ ହେଉଥିଲେ, ଧନିଆ ପତ୍ର ରସ ଓ ମହୁ ସମାନ ପରିମାଣରେ ମିଶାଇ ବ୍ରଣ ଉପରେ ଲଗାଇଲେ ତାହା ଦବିଯାଇଥାଏ ।ଦୈନିକ ସକାଳେ ମଧୁମେହ ରୋଗୀମାନେ ଅଳ୍ପ ପରିମାଣର ଧନିଆ ପତ୍ର ଚୋବାଇ ଖାଇଲେ କିମ୍ବା ଏହାର ରସ ପିଇଲେ, ସେମାନଙ୍କ ଶର୍କରା ନିୟନ୍ତ୍ରିତ ହୁଏ । ହଜମ କରିବାର ଶକ୍ତି ମଧ ଏହି ଧନିଆ ପତ୍ର କାରଣରୁ ବୃଦ୍ଧି ହୋଇଥାଏ ବୋଲି ପରୀକ୍ଷାରୁ ଜଣାପଡିଛି ।

ଆଣ୍ଟିବାଇଓଟିକ୍ ପରି କାମ କରୁଥିବା ଧନିଆ ପତ୍ର କାଶକୁ ମଧ କମ୍ କରିଥାଏ ।

ଧନିଆ ପତ୍ରରେ ଭିଟାମିନ୍ ଏ ଓ ଭିଟାମିନ୍ ସି' ଥିବା କାରଣରୁ ଉତ୍ତମ ଦୃଷ୍ଟିଶକ୍ତିରେ ସହାୟକ ହୁଏ ।

## କ୍ୟାନସର୍ ବୃଦ୍ଧିର ପ୍ରତିରୋଧ କରିବ ଉପବାସ

କମ୍ ସମୟ ଉପବାସ ରଖିବା ଦ୍ୱାରା ଶରୀରର କ୍ୟାନସର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇବ ବୋଲି କାର୍ଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ଦାବି କରିଛନ୍ତି । ଗବେଷଣାରୁ ଜଣାପଡିଛି ଯେ ଉପବାସ ରହିବା ଦ୍ୱାରା କ୍ୟାନସର



ସୃଷ୍ଟିକାରୀ କୋଷଗୁଡିକ କିଛି ପରିମାଣରେ ନିଷ୍କ୍ରିୟ ହୋଇପଡନ୍ତି । ପରେ ଧୀରେ ଧୀରେ ବିଭାଜିତ ହୋଇଥାନ୍ତି । ଏମିତି ହେବାଦ୍ୱାରା କୋଷଗୁଡିକ ନଷ୍ଟ ହୋଇଯାଆନ୍ତି । କିନ୍ତୁ ଉପବାସ ରହିବା ଦ୍ୱାରା ସାଧାରଣ କୋଷଗୁଡିକର କିଛି କ୍ଷତି ହୁଏ ନାହିଁ । ସେମାନେ ପୂର୍ବ ପରି ସକ୍ରିୟ ଓ ସତେଜ ରୁହନ୍ତି । କ୍ୟାନସରକୁ ଦୂରେଇବା ପାଇଁ ରୋଗୀକୁ କେମୋଥେରାପି ଦିଆଯାଏ । ଗବେଷକଙ୍କ କହିବାନୁସାରେ, ରୋଗୀ ଉପବାସ ଥିବା ସମୟରେ କେମୋଥେରାପି ନେଲେ ଅଧିକ ଲାଭ ହୋଇଥାଏ । ସ୍ତନ କ୍ୟାନସର, ମସ୍ତିଷ୍କ କ୍ୟାନସର, ସ୍ନାୟୁ କ୍ୟାନସର ଚିକିତ୍ସା ପାଇଁ ରୋଗୀ ଉପବାସ ସହିତ କେମୋଥେରାପି ନେଲେ କ୍ୟାନସର ବୃଦ୍ଧି ହେବା ଧୀମେଇ ଯାଏ । ଗବେଷଣାରେ ଆହୁରି ମଧ ଜଣାପଡିଛି ଯେ ରୋଗୀ କେମୋଥେରାପି ନେବାର ଦୁଇ ଦିନ ପୂର୍ବରୁ ଓ ନେବାର ପର ଦିନ ଉପବାସ ରହିଲେ ଏହା ବେଶ୍ ଫଳପ୍ରଦ ହୋଇଥାଏ ।

## ମେଦବହୁଳତା ଓ ଅମୃତ ଭଣ୍ଡା

ଅମୃତଭଣ୍ଡାର ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ରହିଛି, ଯାହା ଆମକୁ ଅନେକାଂଶରେ ସୁସ୍ଥ ତଥା ସବଳ ରଖିଥାଏ । ଏଥିରେ ଥିବା ପପେନ୍ ଏଞ୍ଜାଇମ୍ ତତ୍ତ୍ୱ ଆମ ଶରୀରର ଓଜନ କମାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଅମୃତଭଣ୍ଡାରେ କ୍ୟାଲୋରୀ ପରିଣାମ କମ୍ ଥାଏ ଓ ଫାଇବର ଅଧିକ ଥାଏ । ଏହାକୁ ଖାଇବା ଦ୍ୱାରା ଆମ ଶରୀରର ଓଜନ କମିଥାଏ । ୟୁନିଭର୍ସିଟି ଅଫ୍ ୱାଶିଂଟନର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ ନିୟମିତ ଅମୃତଭଣ୍ଡା ଖାଇଲେ ତାହା ମେଦବହୁଳତା କମାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଗୁଣ ହୃତପିଣ୍ଡ ଏବଂ ମସ୍ତିଷ୍କ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ । ଅନ୍ୟପକ୍ଷରେ ପାଚନ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ ଅମୃତଭଣ୍ଡା ।



## ଆପଣ ଜାଣନ୍ତି କି ?

- ଜେବ୍ରାର ଶରୀରରେ ଥିବା ଧଳାକଳା ପଟି ମଧରୁ କଳା ରଙ୍ଗ ଏହାର ଚର୍ମ ହୋଇଥିବା ବେଳେ ସେଥିରେ ଧଳାରଙ୍ଗର ପଟ୍ଟା ଚିହ୍ନଥାଏ ।
- ହାତୀ ଶରୀରର ଆକାର ଜୀବନବ୍ୟାପି ବୃଦ୍ଧି ଘଟିଥାଏ । ତେବେ ସବୁଠାରୁ ବଳିଷ୍ଠ ଶରୀର ଥିବା ହାତୀ ହିଁ ଦଳର ମୁଖିଆ ହୋଇଥାଏ ।
- ପୃଥିବୀରେ ପ୍ରାୟ ୨୦ ହଜାର ପ୍ରଜାତିର ମହୁମାଛି ଦେଖାଯାନ୍ତି । କିନ୍ତୁ ଏଥି ମଧରୁ କିଛି ପ୍ରଜାତି ହିଁ ମହୁ ଉତ୍ପାଦନ କରିଥାନ୍ତି ।
- ଓଟ କେବଳ ୧୦ ମିନିଟରେ ପ୍ରାୟ ୧୩୫ ଲିଟର ପାଣି ପିଇପାରେ ।
- କୁମ୍ଭୀର ପାଣି ଭିତରୁ ଲମ୍ଫ ପ୍ରଦାନ କରି ଉଡିଯାଉଥିବା ପକ୍ଷୀକୁ ମଧ ଶିକାର କରିପାରେ ।
- ପେଚା ନିଜ ମୁଣ୍ଡକୁ ୨୭୦ ଡିଗ୍ରୀ ପର୍ଯ୍ୟନ୍ତ ବୁଲେଇ ପାରିଥାଏ ।
- ସୁସ୍ୱାଦୁ ବ୍ୟଞ୍ଜନ ପାଇଁ ଭାରତ ସାରା ବିଶ୍ୱରେ ପ୍ରସିଦ୍ଧ । ତେବେ ପୃଥିବୀର ୭୦ ଭାଗ ମସଲା କେବଳ ଭାରତରୁ ହିଁ ଉତ୍ପାଦିତ ହୋଇଥାଏ ।
- ମହୁମାଛି ବସାରେ କେବଳ ଗୋଟିଏ ରାଣୀ ମହୁମାଛି ରହିଥାଏ ଏବଂ ଅନ୍ୟ ମହୁମାଛି ଶ୍ରମିକ ମହୁମାଛି ଭଳି କାର୍ଯ୍ୟ କରିଥାନ୍ତି ।
- ମଣିଷଙ୍କ ତୁଳନାରେ ପକ୍ଷୀଙ୍କ ସ୍ୱାଦଗ୍ରନ୍ଥି ଅପେକ୍ଷାକୃତ କମ୍ କ୍ରିୟାଶୀଳ ଥାଏ । ତେଣୁ କେତେକ ପକ୍ଷୀ ଖାଇଲା ବେଳେ ଖାଦ୍ୟର ସ୍ୱାଦ ବାରିପାରନ୍ତି ନାହିଁ ।
- ପୋଲାର ବିଅର ସମ୍ପୂର୍ଣ୍ଣ ମାଂସାହାରୀ ହୋଇଥିବା ବେଳେ ଅନ୍ୟ ସମସ୍ତ ଭାଲୁ ଉଭୟ ଶାକାହାରୀ ଏବଂ ମାଂସାହାରୀ ।

## କହିପାରିବେ କି ?

୧) ବ୍ୟାଙ୍କ ଅଫ୍ ହିନ୍ଦୁସ୍ଥାନର ସ୍ଥାପନା କେବେ ହୋଇଥିଲା ?
(୨) ଭିଟାମିନ୍ -ଇ' ର ରାସାୟନିକ ନାମ କ'ଣ ?
(୩) ଅମରାବତୀ ସ୍ତୁପ କେଉଁଠାରେ ଅଛି ?
(୪) ସ୍ୱାଧୀନ ଭାରତର ପ୍ରଥମ ରେଳମନ୍ତ୍ରୀଙ୍କ ନାମ କ'ଣ ?
(୫) ଜିଏସ୍‌ଟି ଲାଗୁ କରିଥିବା ବିଶ୍ୱର ପ୍ରଥମ ଦେଶ କିଏ ?
(୬) ପୃଥ୍ୱୀରାଜ ଚୌହ୍ୱାନଙ୍କୁ ବନ୍ଦୀ କରି ମହମ୍ମଦ ଘୋରି କେଉଁ ସ୍ଥାନକୁ ନେଇଯାଇଥିଲେ ?
(୭) ଉତ୍ତର ଆମେରିକାର ସବୁଠୁ ଦୀର୍ଘତମ ନଦୀର ନାମ କ'ଣ ?
(୮) ଋଗ୍ ବେଦରେ ସବୁଠୁ ପବିତ୍ର ନଦୀ କାହାକୁ କୁହାଯାଇଛି ?
(୯) ରାଷ୍ଟ୍ରୀୟ ଏକତା ଦିବସ କେବେ ପାଳନ କରାଯାଏ ?
(୧୦) ଦିଆସିଲି ରଞ୍ଜନ କେଉଁଥିରେ ତିଆରି ହୋଇଥାଏ ?

### JUMBLE WORDS

| | | | |
|---|---|---|---|
| 1) NARSIP | = | 6) MELRIB | = |
| 2) TIKNTE | = | 7) LEWDL | = |
| 3) CNIEM | = | 8) GNAAEM | = |
| 4) TMSPO | = | 9) MUDIH | = |
| 5) LYOCIP | = | 10) CIYPK | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ଅର୍ଜୁନ ,୨.ଶୁଆ, ୩. ଅସ୍ତି ଓ ପ୍ରାପ୍ତି, ୪. କ୍ଷୀର ସାଗର, ୫.ମନ୍ଥରା, ୬.ଜିରାଫ, ୭. ଲଦ୍ଦାଖ, ୮. ସର୍ଦାର ବଲ୍ଲଭଭାଇ ପଟେଲ , ୯. ପଞ୍ଜାବର ଅମୃତସର, ୧୦. ଲାଲ ବାହାଦୂର ଶାସ୍ତ୍ରୀ ।

***Jumble Words*** ର ଉତ୍ତର :-

(1) SIGHT (2) AHEAD (3) GROWTH(4) BATTEN (5) MINUS (6) BOSSY (7) KERNEL (8) UNSAID (9) GIANT (10) THINK

## ଜିଲ୍ଲାକ୍ରୀଡ଼ା ସଂଘର ନିର୍ବାଚନ କରିବାକୁ ରତି ମହାନ୍ତିଙ୍କ ଦାବି

ସମ୍ବଲପୁର : ସମ୍ବଲପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଧାରିତ ସମୟରେ ଜିଲ୍ଲା କ୍ରୀଡା ସଂଘର ନିର୍ବାଚନ କରିବାକୁ କାଉନସିଲ ସଦସ୍ୟ ରତିକାନ୍ତ ମହାନ୍ତି ଦାବି କରିଛନ୍ତି । ଏହି ମର୍ମରେ ଜିଲ୍ଲାପାଳଙ୍କୁ ଶ୍ରୀ ମହାନ୍ତି ଦେଇଥିବା ଦାବିପତ୍ରରେ କହିଛନ୍ତି ଯେ, ଆଗାମୀ ୨୭ ନଭେମ୍ବରରେ ଚଳିତ କ୍ରୀଡା ସଂଘ କମିଟିର ୪ ବର୍ଷର କାର୍ଯ୍ୟକାଳ ଶେଷ ହେଉଛି । ଏଣୁ ଠିକଣା ସମୟରେ ନୂତନ କମିଟି ଗଠନ ନିମନ୍ତେ ନିର୍ବାଚନ କରିବା ପାଇଁ ବିହିତ ପଦକ୍ଷେପ ନିଆଯାଉ । କାରଣ ବିଗତ ୪ ବର୍ଷ ହେବ ଜିଲ୍ଲା କ୍ରୀଡା ସଂଘର କମିଟିର ସାଧାରଣ ପରିଷଦ ବୈଠକର କୌଣସି ବୈଠକ ଅନୁଷ୍ଠିତ ହୋଇ ନ ଥିବା ବେଳେ ସଂଘର ଆୟବ୍ୟୟ ସମ୍ପର୍କରେ କୌଣସି ସଦସ୍ୟଙ୍କୁ କିଛି ଜଣାନାହିଁ । ଏ ସମ୍ପର୍କରେ ବାରମ୍ବାର ସାଧାରଣ ସମ୍ପାଦକଙ୍କୁ ଅନୁରୋଧ ସତ୍ତ୍ୱେ ଏ ପର୍ଯ୍ୟନ୍ତ କିଛି ପଦକ୍ଷେପ ନିଆଯାଇ ନାହିଁ । ଏଥିସହ ସଂଘର ଆୟବ୍ୟୟର ଅଡିଟ କରାଯାଇ ନାହିଁ । କମିଟିର ସଦସ୍ୟଙ୍କ ସହିତ ସଂଘ ତରଫରୁ କୌଣସି ଯୋଗସୂତ୍ର ରଖାଯାଉ ନାହିଁ । ବିଗତ କିଛି ବର୍ଷ ହେବ କୌଣସି ବଡ ଟୁର୍ଣ୍ଣାମେଣ୍ଟ, ଯଥା ଫୁଟବଲ, କ୍ରିକେଟ, ହକି ଆଦି ଆୟୋଜିତ ହୋଇନାହିଁ । ଷ୍ଟାଡିୟମର ବିକାଶ କରାଯାଉ ନାହିଁ । ଏହା ଦ୍ୱାରା କ୍ରୀଡାର ଆଶାନୁରୂପ ବିକାଶ ହୋଇ ପାରୁ ନ ଥିବାରୁ କ୍ରୀଡ଼ାପ୍ରେମୀ ମାନେ ନିରାଶ ହୋଇ ଯାଉଛନ୍ତି । ଏଣୁ ଠିକଣା ସମୟରେ କମିଟିକୁ ଭଙ୍ଗ କରି ନୂତନ ନିର୍ବାଚନ କରିବାକୁ ଶ୍ରୀ ମହାନ୍ତି ଦାବି କରିଛନ୍ତି ।

## ସେନୋସ୍ଫିୟରର ସଂଗ୍ରହ କରିବାକୁ ଯାଇ ଯୁବକ ମୃତ

ଝାରସୁଗୁଡ଼ା : ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି)ର ଆଶ୍ପଣ୍ଡ ବି-କୁ ସେନୋସ୍ଫିୟର (ପାଉଁଶ ସ୍ଲରି) ସଂଗ୍ରହ କରିବାକୁ ଯାଇଥିବା ଜନୈକ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ରେଙ୍ଗାଲି ଶରଧାପାଲି କଟାକିକିରା ଗ୍ରାମର ହେମନ୍ତ ଭୂଏ ବୋଲି ଜଣାପଡିଛି । ସୂଚନାନୁସାରେ ହେମନ୍ତ ଓପିଜିସି ଆଶ୍ପଣ୍ଡ ବି-କୁ ସେନୋସ୍ଫିୟର ସଂଗ୍ରହ କରିବାକୁ ଯାଇଥିଲେ । ମାତ୍ର ସେଠାରେ ଅପରାହ୍ନ ପ୍ରାୟ ୧ଟା ସମୟରେ ଯୁବକ ଜଣକ ଆଶ୍ପଣ୍ଡରେ ବୁଡି ଯାଇଥିବା ସ୍ଥାନୀୟ କାର୍ଯ୍ୟରତ ଶ୍ରମିକମାନେ ଦେଖି ସୁରକ୍ଷା କର୍ମୀଙ୍କୁ ଜଣାଇଥିଲେ । ଫଳରେ ସୁରକ୍ଷାକର୍ମୀ ଓ ଅନ୍ୟମାନେ ଯୁବକଙ୍କୁ ଉଦ୍ଧାର କରି ପ୍ରଥମେ ଇବ ଥର୍ମାଲ ଚିକିତ୍ସାଳୟକୁ ଆଣିଥିଲେ । ସେଠାରୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ନେବାପାଇଁ ହେମନ୍ତଙ୍କ ବଡ଼ ଭଉଣୀଙ୍କୁ ଡକାଯାଇଥିଲା । ମାତ୍ର ହେମନ୍ତଙ୍କ ବଡ଼ ଭଉଣୀ ସମ୍ବଲପୁରରେ ଏକ ଘରୋଇ ଚିକିତ୍ସାଳୟକୁ ନେବା ପାଇଁ କହିବାରୁ ସେଠାକୁ ନେବା ପରେ ସେଠାରେ ଡାକ୍ତର ହେମନ୍ତଙ୍କୁ ମୃତ ଘୋଷଣା କରିବା ସହିତ ବରେଇପାଲି ଥାନାକୁ ଖବର ଦେଇଥିଲେ । ଏନେଇ ବରେଇପାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପ୍ରକାଶ ଥାଉକି ଆଶ୍ପଣ୍ଡ ଅଞ୍ଚଳକୁ ଓପିଜିସି ପକ୍ଷରୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି । କମ୍ପାନୀର ସୁରକ୍ଷାକର୍ମୀମାନେ ଦିନରାତି ସେଠାରେ ପଇଁତରା ମାରୁଛନ୍ତି । ତଥାପି ଆଖପାଖ ଗ୍ରାମର ଅନେକ ଲୋକ ଅବାଧରେ ପ୍ରବେଶ କରି ସେନୋସ୍ଫିୟର (ପାଉଁଶ ସ୍ଲରି) ସଂଗ୍ରହ କରି ବିକ୍ରି କରି ଦୈନିକ ୫ ଶହରୁ ୮ ଶହ ଟଙ୍କା ରୋଜଗାର କରୁଥିବା ଅଞ୍ଚଳବାସୀଙ୍କ ନିକଟରୁ ଜଣାପଡିଛି ।

## ପେନସନ ଭୋଗୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା : ସଞ୍ଚୟ ପକ୍ଷ ପାଳନ ଉପଲକ୍ଷେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୁଲ୍ୟରେ ପେନସନ ଭୋଗୀମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସେଠାରେ ଉପସ୍ଥିତ ଥିବା ଅବସରପ୍ରାପ୍ତ କର୍ମଚାରୀ ମାନଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ତଦସହିତ ଭାରତ ସରକାରଙ୍କର ସ୍ୱଳ୍ପସଞ୍ଚୟ ଯୋଜନା, ସାଇବର ସୁରକ୍ଷା ଓ ନିରାପଦ ସଞ୍ଚୟ ଉପରେ ଆଲୋକପାତ କରିଥିଲେ । ଟ୍ରେଜେରୀ ଅଫିସର କନକଲତା ଏକ୍କା ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଜିଲ୍ଲାସ୍ତରୀୟ ଛାୟା ସଂସଦ ପ୍ରତିଯୋଗିତା

ସମ୍ବଲପୁର : ସମଗ୍ର ଶିକ୍ଷା ସମ୍ବଲପୁର ଆନୁକୂଲ୍ୟରେ ଚନ୍ଦ୍ରଶେଖର ବେହେରା ଜିଲ୍ଲାସ୍କୁଲ ଠାରେ ଜିଲ୍ଲାସ୍ତରୀୟ ଛାୟା ସଂସଦ ପ୍ରତିଯୋଗିତା ଅନୁଷ୍ଠିତ ହେଇଯାଇଛି । ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲାର ୧୩ ପି ଏମଶ୍ରୀ ହାଇସ୍କୁଲରୁ ମନୋନୀତ ହେଇଆସିଥିବା ୫୨ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ସାମ୍ବାଦିକ ଶିବ ଶଙ୍କର ନନ୍ଦ, ଅଧାପକ ପ୍ରଦୀପ କୁମାର ମିଶ୍ର, ଅଧାପକ ପ୍ରଶାନ୍ତ କୁମାର ପ୍ରଧାନ ଓ ଶିକ୍ଷକ ପ୍ରତାପ ଚନ୍ଦ୍ର ତ୍ରିପାଠୀ ବିଚାରକ ଭାବେ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ଆଦ୍ୟାଶା ମହାକୁଡ ପ୍ରଥମ,ଅର୍ଚ୍ଚିତା ସାହୁ ଦ୍ୱିତୀୟ ଓ ପ୍ରୀତିରଞ୍ଜନ ସାମନ୍ତ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ବରିଷ୍ଠ ଶିକ୍ଷକ ରାମକୃଷ୍ଣ ରଥ ମଞ୍ଚ ସଞ୍ଚାଳନ କରିଥିଲେ । ଜିଲ୍ଲାସ୍କୁଲର ପ୍ରଧାନ ଶିକ୍ଷକ ଲୋକିତା ଦାଶଙ୍କ ତତ୍ତ୍ୱାବଧାନ ରେଅନୁଷ୍ଠିତ କାର୍ଯ୍ୟକ୍ରମରେ କରିଥିଲେ ସମଗ୍ର ଶିକ୍ଷାର ସଂଯୋଜକ ପୁରୁଷୋତ୍ତମ ପ୍ରହରାଜ ସହଯୋଗ କରିଥିଲେ ।

## ଯୁଯୋମୁରା ଠାରେ ଦ୍ୱିଶତପୂର୍ତ୍ତି ରାସଯାତ୍ରା ଉଦ୍‌ଘାଟିତ

ସମ୍ବଲପୁର : ଯୁଯୋମୁରା ଠାରେ ଐତିହାସିକ ରାସ ଯାତ୍ରାର ମୁଖ୍ୟ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟ ଉତ୍ସବ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଯୁଯୋମୁରା ରାସଯାତ୍ରାର ଐତିହ୍ୟ ଓ ବିଶେଷତ୍ୱ ଉପରେ ଆଲୋଚନା କରିଥିଲେ । ସ୍ଥାନୀୟ ସରପଞ୍ଚ ବାସନ୍ତୀ ପ୍ରଧାନ, ବନମାଳୀ ମିଶ୍ର, ସ୍ଥାନୀୟ ରେଞ୍ଜର ସଞ୍ଜୟ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ପ୍ରକାଶିତ 'ସ୍ମରଣିକା'କୁ ଅତିଥି ମାନେ ଉନ୍ମୋଚନ କରିଥିଲେ । ଯାତ୍ରା କମିଟିର ସଭାପତି ରୂପେନ୍ଦ୍ର ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାକୁ ସମ୍ପାଦକ ବୀରେନ୍ଦ୍ର ନାୟକ ପରିଚାଳନା କରିଥିବା ବେଳେ ସୂର୍ଯ୍ୟକାନ୍ତ ଅ ପାଣିଗ୍ରାହୀ, ପ୍ରମୋଦ ବିଶ୍ୱାଳ, କୃଷ୍ଣଚନ୍ଦ୍ର ବାଙ୍କ, ରଜନୀ ପାଣିଗ୍ରାହୀ, ଅନାଦି ମିର୍ଦ୍ଧା, ମୋହନ ରଣା, ସୁଧାଂଶୁ ବାଙ୍କ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ଅଞ୍ଚଳର ଶିକ୍ଷା, କ୍ରୀଡା, ସମାଜସେବା, କଳା, ସାହିତ୍ୟ, ସାମ୍ବାଦିକତା, ପରିବେଶ, ସ୍ୱେଚ୍ଛାସେବୀ ତଥା ପୂର୍ବ ଓ ବର୍ତ୍ତମାନର କର୍ମକର୍ତ୍ତା ପ୍ରାୟ ୧୦୦ ଜଣ ପ୍ରତିଭାଙ୍କୁ ମୁଖ୍ୟ ଅତିଥି ସ୍ମାରକୀ ପଦକ ଓ ଉତ୍ତରୀୟ ସହ ସମ୍ମାନିତ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଫସଲ କାଟ ପରୀକ୍ଷଣ ପାଇଁ ଜିଲ୍ଲାସ୍ତରୀୟ ତାଲିମ



ସମ୍ବଲପୁର : ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା ଅଧିନରେ ଫସଲ କାଟ ପରୀକ୍ଷଣ ପାଇଁ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ସମ୍ବଲପୁର ଜିଲ୍ଲାର ସମସ୍ତ ୧୩୮ ଗ୍ରାମ ପଞ୍ଚାୟତରେ ଖରିଫ ଧାନ ପାଇଁ ଫସଲ କାଟ ପରୀକ୍ଷଣ କରିବା ପାଇଁ ଉପସ୍ଥିତ ରାଜସ୍ୱ, କୃଷି ଏବଂ ପରିସଂଖ୍ୟାନ ବିଭାଗର କ୍ଷେତ୍ର ଅଧିକାରୀମାନଙ୍କୁ ମଧରେ ଏହି ତାଲିମ ପ୍ରଦାନ କରାଯାଇଥିଲା । ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଶ୍ରୀ ରଙ୍କନିଧି ନାୟକ ଅଂଶଗ୍ରହଣକାରୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଶ୍ରୀ ପ୍ରକାଶ କୁମାର ଦେଓ ପରିଚାଳନା କରିଥିଲେ ।

## ସୁନ୍ଦରଗଡ଼ ଦିବସ ଓ ଜିଲ୍ଲା ମହୋତ୍ସବ ଯତ୍ରାର ପ୍ରସ୍ତୁତି ବୈଠକ

ସୁନ୍ଦରଗଡ଼ : ଜିଲ୍ଲା ପ୍ରତିଷ୍ଠା ଦିବସ ଏବଂ ଜିଲ୍ଲା ମହୋତ୍ସବ ଯତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧକ୍ଷ ଡକ୍ଟର ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁନ୍ଦରଗଡ଼ ଦିବସ ଏବଂ ଯତ୍ରାର ସଫଳତାର ସହ ଆୟୋଜନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ଥାନୀୟ କଳାକାର ତଥା ବୁଦ୍ଧିଜୀବୀମାନଙ୍କୁ ନେଇ ଗଠିତ ବିଭିନ୍ନ କମିଟିଗୁଡ଼ିକ ପରସ୍ପର ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ ସମ୍ପାଦନ କରିବା ଉପରେ ଗୁରୁତ୍ୱାରୋପ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ । ଏଥରେ ଆଞ୍ଚଳିକ, ରାଜ୍ୟସ୍ତରୀୟ ଏବଂ ଜାତୀୟସ୍ତରୀୟ ପ୍ରମୁଖ କଳାକାରମାନେ ଅଂଶଗ୍ରହଣ କରିବେ । ଏହା ସହିତ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା, ଚିତ୍ରକଳା ପ୍ରଦର୍ଶନୀ ଆଦି ଆୟୋଜନ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧରେ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ କୌର, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୂରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଉପ ଆରକ୍ଷୀ ଅଧୀକ୍ଷକ ମହେନ୍ଦ୍ର ନାଥମୁର୍ମୁ, ଟ୍ରେନିଂ ଆଇଏଏସ୍ ଫାବି ରସିଦ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅମିତ ଟୁଡୁ, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ଜିଲ୍ଲାର ପ୍ରମୁଖ କଳାକାର ବୃନ୍ଦ, ବୁଦ୍ଧିଜୀବୀ, ଯତ୍ରାର ବିଭିନ୍ନ କମିଟିର ସଦସ୍ୟବୃନ୍ଦ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ ।

## ରେଙ୍ଗାଲି ମହୋତ୍ସବ ଉଦ୍‌ଯାପିତ

ରେଢ଼ାଖୋଲ : ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ରେଙ୍ଗାଲି ଠାରେ ଆୟୋଜିତ 'ଚତୁର୍ଥ ରେଙ୍ଗାଲି ମହୋତ୍ସବ' ଉଦ୍‌ଯାପିତ ହୋଇଯାଇଛି । ଏହି ଅଞ୍ଚଳର ଲୋକକଳା, ସଂସ୍କୃତି ଓ ଲୁକ୍କାୟିତ ପରମ୍ପରା ବଞ୍ଚାଇ ରଖିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା । ଆୟୋଜକ ସଭାପତି ଯଜ୍ଞ ପ୍ରସାଦ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ଉଦଯାପନୀ ସଭାରେ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଶିବରାମ ସାହୁ, କାଉନସିଲର ରଶ୍ମି ରଞ୍ଜନ ଭଞ୍ଜ, କଳାକାର ସଙ୍ଘ ସଭାପତି ସିକୁନ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହା ପରେ ବଲବସପୁର ସାଇନିଂ ଷ୍ଟାର ଡ୍ୟାନ୍ସ ଗ୍ରୁପର ରଙ୍ଗବତୀ ନାଚ, ମୂଷାକଟାର ପରଭା, ସମ୍ବଲପୁର ବିଦ୍ୟାଭାରତୀ ଡାନ୍ସ ଗ୍ରୁପର ନୃତ୍ୟ ଓ ବଲାଙ୍ଗୀର ଢୋଲ ମହୁରୀ କଳାପରିଷଦର ଲୋକ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତାଲାଭ କରିଥିବା ଅଞ୍ଚଳର କେତେକ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମ ପ୍ରଚେଷ୍ଟାରେ ନିଟ କୃତକାର୍ଯ୍ୟ ହୋଇଥିବା ଗରଗଡ଼ବାହାଲ ପଞ୍ଚାୟତ ହଳଦିନାଲି ଗ୍ରାମର ପାର୍ଥ ସାରଥୀ ପ୍ରଧାନ ଓ ଲମ୍ପଟିଦାଦର ଗ୍ରାମର ବିଶିଷ୍ଟ ଶିକ୍ଷାବିତ ଡ. ଦେବେନ୍ଦ୍ର ପ୍ରଧାନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏଠାକାର ରାମଲୀଳାରେ ଲୀଳା ନାଟକ ପ୍ରଦର୍ଶନ କରୁଥିବା କଳାକାରଙ୍କୁ ମଧ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ସଭାକାର୍ଯ୍ୟକୁ ତରୁଣ ନାଏକ ଓ ପଶ୍ଚିମ ଓଡିଶାର ବିଶିଷ୍ଟ କଳାକାର ସୁବର୍ଣ୍ଣା ସାହୁ ସଂଯୋଜନା କରିବା ସହିତ ସମ୍ପାଦକ ଲକ୍ଷ୍ମୀ ନାରାୟଣ ଖୁଣ୍ଟୁଲି ଧନ୍ୟବାଦ ଦେଇଥିଲେ । ବୌଦ୍ଧର ମା' ମେଲୋଡି ଦ୍ୱାରା ସନ୍ଧ୍ୟାରୁ ମଧରାତ୍ରି ପର୍ଯ୍ୟନ୍ତ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଥିଲା ।

ଡକ୍ଟର ଦେବେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ରେଢ଼ାଖୋଲ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ ମୁଖ୍ୟ ଅତିଥି, ବିଶିଷ୍ଟ ସମ୍ବଲପୁରୀ କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀ ମୁଖ୍ୟ ବକ୍ତା, ପଶ୍ଚିମ ଓଡ଼ିଶାର ଲୋକ ପ୍ରସିଦ୍ଧ କଂସ ମହାରାଜ ଗୋପାଳ ଚନ୍ଦ୍ର ପଣ୍ଡା, ରେଢ଼ାଖୋଲ ବ୍ଲକ ବିଜେଡି ସଭାପତି ଉଦିତ ନାରାୟଣ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ସୈରେନ୍ଦ୍ରୀ ଭୋଇ, ବିଶିଷ୍ଟ ସମାଜସେବୀ ରଜନୀକାନ୍ତ ପଣ୍ଡା, ନୃତ୍ୟ ନିର୍ଦ୍ଦେଶିକା ପୂଜା ନାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲେ ବୁର୍ଲାର ପୂଜା




ବୁର୍ଲା: ବୁର୍ଲାର ଝିଅ ପୂଜା ପରିମିତା ସାହୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି । ମାତ୍ର ୨୭ ସେକେଣ୍ଡରେ ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀର ହସ୍ତ ବିନିଯୋଗ ସମେତ ପ୍ରମୁଖ ୫ଟି ଭଙ୍ଗୀ ପ୍ରଦର୍ଶନ କରି ଏହି ରେକର୍ଡ ସୃଷ୍ଟି କରିଥିବା ଜଣାପଡ଼ିଛି । କିଛିଦିନ ପୂର୍ବରୁ ଅନ୍‌ଲାଇନ ମଧ୍ୟମରେ ଆୟୋଜିତ ଏହି ପ୍ରତିଯୋଗିତାରେ ସମଗ୍ର ଦେଶର ଶତାଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରି ନିଜ ନିଜ ଲାଇଭ୍ ଭିଡିଓ ପ୍ରସ୍ତୁତ କରିଥିଲେ । ଏଥିରେ ପୂଜା ପରିମିତା ହିଁ ଇଣ୍ଡିଆନ୍ ବୁକ୍ ଅଫ୍ ରେକର୍ଡରେ ମନୋନୀତ ହୋଇଥିଲେ ।

ବୁର୍ଲା ସହରର ସଦେଇପାଲି ରାସ୍ତା ସନ୍ତୋଷୀ ମା'ମନ୍ଦିର ନିକଟରେ ରହୁଥିବା ବାପା ସତ୍ୟବ୍ରତ ସାହୁ ଏବଂ ମା' ଅନ୍ନପୂର୍ଣ୍ଣା ସାହୁଙ୍କ ଝିଅ ହେଉଛନ୍ତି ପୂଜା ପରିମିତା । ପୂଜା ପ୍ରଦର୍ଶନ କଳାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ସହିତ ସାମ୍ବାଦିକତାରେ ମଧ ସ୍ନାତକୋତ୍ତର ଡିଗ୍ରୀ କରିଛନ୍ତି । ଏହାବ୍ୟତୀତ ସେ ମୁମ୍ବାଇସ୍ଥିତ ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟରେ ଓଡ଼ିଶୀ ନୃତ୍ୟ ଉପରେ ବିଷାରଦ କରିଛନ୍ତି । ବର୍ତ୍ତମାନ ପୂଜା ବୁର୍ଲାସ୍ଥିତ ଭାରତୀ କଳା ବିକାଶ କେନ୍ଦ୍ରରେ ଓଡ଼ିଶୀ ନୃତ୍ୟ ଗୁରୁ ଭାବେ କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ସେଣ୍ଟ ଜେଭିୟର୍ ବିଦ୍ୟାଳୟରେ ନୃତ୍ୟ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି । ପୂର୍ବରୁ ପୂଜା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶୀ ନୃତ୍ୟରେ ଚମତ୍କାର ପ୍ରଦର୍ଶନ କରି ସମ୍ମାନିତ ହୋଇଛନ୍ତି । ପୂଜା ପରିମିତାଙ୍କ ବାପା ସତ୍ୟବ୍ରତ ସାହୁ ଏବଂ ତାଙ୍କ ଭାଇ ପୀତବାସ ସାହୁ ମଧ କଳାକାର ।

## ଗୀତାଞ୍ଜଳି ଷଡ଼ଙ୍ଗୀଙ୍କ ସ୍ମୃତି ଏବଂ ସାରସ୍ୱତ ଉତ୍ସବ





ସମ୍ବଲପୁର: ଧର୍ମ ପରାୟଣା ମହିଳା କବୟତ୍ରୀ ଗୀତାଞ୍ଜଳି ଷଡଙ୍ଗୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ସିଦ୍ଧେଶ୍ୱରୀ ଧର୍ମ ସଂସଦର ସଭାପତି ଗୋପୀନାଥ ଷଡଙ୍ଗୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି, ବିଶିଷ୍ଟ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ଗୀତାଞ୍ଜଳିଙ୍କ ସ୍ମୃତିଚାରଣ ପୂର୍ବକ ତାଙ୍କୁ ଜଣେ ଆଦର୍ଶ ଗୃହିଣୀ ରୂପେ ବର୍ଣ୍ଣନା କରିଥିଲେ । ଦିବ୍ୟଦର୍ଶନ ସଂଘର ଉପ ସଭାପତି ଶଙ୍କର୍ଷଣ ଆଚାର୍ଯ୍ୟ ଏବଂ ଅମୀୟ ପାଢ଼ୀ ସ୍ୱର୍ଗତ ଷଡ଼ଙ୍ଗୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ କବି ଗୋପୀନାଥ ଷଡଙ୍ଗୀଙ୍କ ରଚିତ ସମ୍ବଲପୁରୀ କବିତା ପୁସ୍ତକ 'କବିତା ଗୁଚ୍ଛ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସେହିପରି ବିଭୂତି ମିଶ୍ରଙ୍କ ସଂଯୋଜନାରେ



ଅନୁଷ୍ଠିତ କବିତା ପାଠୋତ୍ସବରେ ଅନୁପମା ବିଶ୍ୱାଳ ଏବଂ ସବିତା ମିଶ୍ର ପ୍ରମୁଖ କବିତା ପାଠ କରିଥିଲେ । ଏହି ଅବସରରେ କୁଚିଣ୍ଡା କଲେଜର ଅଧାପିକା ବେଲମତୀ କୁମୁରାଙ୍କୁ 'ସିଦ୍ଧେଶ୍ୱରୀ ପ୍ରଜ୍ଞା ସମ୍ମାନ' ରୋଜା ଆଚାରୀଙ୍କୁ 'ଗୀତାଞ୍ଜଳୀ ଷଡ଼ଙ୍ଗୀ ସ୍ମୃତି ସମ୍ମାନ' ଏବଂ ସବିତା ଷଡ଼ଙ୍ଗୀଙ୍କୁ 'ଅଙ୍କିତା ପାଣି ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ସେହିପରି ପୂର୍ବରୁ ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ନେତାଜୀ ସୁବାଷ ଚନ୍ଦ୍ରବୋଷ କଲେଜର ଛାତ୍ର ସାହିଲ ପ୍ରଧାନଙ୍କୁ ପ୍ରଥମ, ହୀରାକୁଦ କଲେଜର ଛାତ୍ରୀ ମୋନାଲିସା ବେହେରାଙ୍କୁ ଦ୍ୱିତୀୟ ଏବଂ ସମ୍ବଲପୁର ସରକାରୀ ମହିଳା କଲେଜର ଛାତ୍ରୀ ସୋନାଲି ସାହୁଙ୍କୁ ତୃତୀୟ ପୁରସ୍କାର ଦିଆଯାଇଥିଲା । ଗୀତାଞ୍ଜଳି ଷଡ଼ଙ୍ଗୀ ସ୍ମୃତି ସମିତିର ସଭାପତି ଅଧାପକ ସୋମନାଥ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ମାଣ୍ଡିଆ ଓ ସୁରଭି କାର୍ଯ୍ୟକ୍ରମ



ସମ୍ବଲପୁର: ମାଣ୍ଡିଆ ଦିବସ ଏବଂ ସୁରଭି ଉପଲକ୍ଷେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ କୁମୁଦିନୀ ନାୟକ ମୁଖ୍ୟଅତିଥ ଏବଂ ଟିଟିଲାଗଡ ଡିଏଭି କଲେଜର ଅବସର-ପ୍ରାପ୍ତ ଅଧକ୍ଷ ଡକ୍ଟର ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଟାଇଁସର ପଞ୍ଚାୟତର ଦୀନବନ୍ଧୁ କିଷାନଙ୍କୁ ଶ୍ରେଷ୍ଠ ମାଣ୍ଡିଆ କୃଷକ, ଜମନକିରା ବ୍ଲକର ଚୈତନ୍ୟ କିଷାନଙ୍କୁ ଶ୍ରେଷ୍ଠ ସଂରକ୍ଷକ କୃଷକ, ଜମନକିରା ବ୍ଲକର ସମ୍ବଲପୁର ଇଣ୍ଟିଗ୍ରେଟେଡ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍‌କୁ ଶ୍ରେଷ୍ଠ ଏଫ୍‌ପିଓ, କୁଚିଣ୍ଡାର ଧରଣୀଧର ଚିଲି ପ୍ରଡ୍ୟୁସର କମ୍ପାନୀ ଲିମିଟେଡକୁ ଶ୍ରେଷ୍ଠ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ବିଜୟା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଶ୍ରେଷ୍ଠ ମହିଳା ସ୍ୱୟଂ ଗୋଷ୍ଠୀ ଭାବେ ସମ୍ମାନିତ କରାଯାଇଥିଲା ।

## ପୋଲିସ୍ ପକ୍ଷରୁ ଇଣ୍ଡିଆନ୍ କମ୍ୟୁନିଟି ପୋଲିସ୍ ସମ୍ବର୍ଦ୍ଧିତ



ସମ୍ବଲପୁର : ଜନସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଇଣ୍ଡିଆନ୍ କମ୍ୟୁନିଟି ପୋଲିସ୍ ବାହିନୀର ୧୦ ଜଣ ସ୍ୱେଚ୍ଛାସେବୀଙ୍କୁ ଶାସନ ଥାନା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରବୀର କିଶୋର ତ୍ରିପାଠୀ କମ୍ୟୁନିଟି ପୋଲିସ୍‌ର କମାଣ୍ଡାଣ୍ଟ ବଂଶୀଧର କର, ସଚ୍ଚିଦାନନ୍ଦ ପ୍ରଧାନ, ତପନ କୁମାର ଖୁଣ୍ଟିଆ, ପ୍ରଦୀପ୍ତ କୁମାର ମହାରଣା, ରବିନାରାୟଣ ମିଶ୍ର, ଜୟରାମ ପ୍ରଧାନ, ଶିବ-ପ୍ରିୟ ସାହୁ, ଦେବାଶିଷ ସାହୁ, ଚତୁର୍ଭୁଜ ଗର୍ଡ଼ିଆ ଓ ପ୍ରକାଶ କୁମାର ସାହୁ ପ୍ରମୁଖଙ୍କୁ ପ୍ରମାଣପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି ।

## ଏନଏଲ୍‌ସି ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ସମ୍ବଲପୁର : ଏନ୍‌ଏଲ୍‌ସି ଆଇଏଲ୍ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି । ତଳାବିରା ୨ ଓ ୩ ଓସିପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ପ୍ରକଳ୍ପ ମୁଖ୍ୟ ଚେରୁକୁ ଦୟାନନ୍ଦଙ୍କ ଅଧକ୍ଷତାରେ ଆୟୋଜିତ ସପ୍ତାହର ଉଦ୍‌ଯାପନୀ ଉତ୍ସବରେ ଦୁର୍ନୀତି ନିବାରଣ ବିଭାଗ ସମ୍ବଲପୁର ଡିଭିଜନର ଏସ୍.ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ତଳାବିରା ଦ୍ୱିତୀୟ ଏବଂ ତୃତୀୟ ଓପନକାଷ୍ଟ ପ୍ରୋଜେକ୍ଟର ସତର୍କତା ଅଧିକାରୀ ରାଜୀବ ସିଂ, ମାନବ ସମ୍ବଳ




ମୁଖ୍ୟ ସୁବ୍ରତ କୁମାର ବିଶ୍ୱାଳ, ଅର୍ଥବିଭାଗର ଡିଜିଏମ୍ ପ୍ରଶାନ୍ତ କୁମାର ବାରିକ ପ୍ରମୁଖ ମଧ ଏଥିରେ ଭାଷଣ ଦେଇଥିଲେ । ଏହି ଅବସରରେ କୁଇଜ୍, ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା ଏବଂ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା । ସେହିପରି ସ୍ୱଚ୍ଛତା ଏବଂ ସ୍ୱାସ୍ଥ୍ୟ ୱାକାଥନ ତଥା ପ୍ଲଗଇନ୍ ଡ୍ରାଇଭ୍ ମଧ ଆୟୋଜିତ କରାଯାଇଥିଲା ।

## ଗ୍ରୁମିଂ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ ଉତ୍ସବ



ସମ୍ବଲପୁର: ଆଇଆଇଏମ୍ ସମ୍ବଲପୁର ଏବଂ ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ମିଳିତ ଆନୁକୂଲ୍ୟରେ ଆଇଆଇଏମ୍ ପରିସରରେ ଗ୍ରୁମିଂ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପ ସଭାପତି ଦୀପକ ମାଲବ୍ୟ ମୁଖ୍ୟଅତିଥି, ସାଉଥ ଏସିଆନ ବିଶ୍ୱବିଦ୍ୟାଳୟ ଆମେରିଟସ୍‌ର ପ୍ରଫେସର ସୁମନ୍ତ ପି. ଅଗ୍ରୱାଲ ମୁଖ୍ୟବକ୍ତା ଏବଂ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ଅଧକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତା ତଥା ରାଜେନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ ରଘୁନାଥ ମିଶ୍ର ସ୍ୱାଗତଭାଷଣ, ଉପସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନ ପ୍ରତି ଏବଂ ଅଞ୍ଚଳ ପ୍ରତି ସେବାବୃତ୍ତି ପ୍ରଦାନ କରୁଥିବା ଡାକ୍ତର ନାରାୟଣୀ ପଣ୍ଡା, ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଏବଂ ପ୍ରଫେସର ହୃଷିକେଶ ସେନାପତିଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଆଇଆଇଏମ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମୃତ ମହାନ୍ତି ଧନ୍ୟବାଦ ଦେଇଥିଲେ ।





Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra